

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୬ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ ସଂଖ୍ୟା-ଆଠ ■ Baleshwar ♦ THURSDAY 26 JUNE 2025

Vol.No. 36 ■ No.167 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ଇତିହାସ ରଚିଲା ଭାରତ, ରାକେଶ ଶର୍ମାଙ୍କ ପରେ ମହାକାଶକୁ ଗଲେ ଦ୍ୱିତୀୟ ଭାରତୀୟ

ନୂଆଦିଲ୍ଲୀ,୨୫/୬ : ନମସ୍କାର, ମୋର ପ୍ରିୟ ଦେଶବାସୀ ! କି ଆନନ୍ଦଦାୟୀ ଯାତ୍ରା ! ଭାରତ ୪୧ ବର୍ଷ ପରେ ପୁଣିଥରେ ମହାକାଶକୁ ଫେରିଛି । ଆମେ ସେକେଣ୍ଡ୍ ? ପ୍ରତି ୭.୫ କିଲୋମିଟର ବେଗରେ ପୃଥିବୀ ଚାରିପାଖରେ ଘୁରୁଛି । ମୋ କାନ୍ଧରେ ତ୍ରିରଙ୍ଗା ରହିଛି, ଯାହା ମତେ କହୁଛି ଯେ ମୁଁ ଏକା ନୁହେଁ ଆପଣ ସମସ୍ତେ ମୋ ସହିତ ଅଛନ୍ତି। ମୋର ଏହି ଯାତ୍ରା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍ ପାଇଁ ନୁହେଁ, ବରଂ ଭାରତର ମାନବ ମହାକାଶ କାର୍ଯ୍ୟକ୍ରମ ପାଇଁ... ଜୟ ହିନ୍ଦ୍, ଜୟ ଭାରତ... ଏହା ଥିଲା ଶୁଭାଂଶୁଙ୍କ ବାର୍ତ୍ତା ,ସଫଳ ଉତକ୍ଷେପଣ ପରେ ଯାତ୍ରା ମଝିରୁ ଭାରତ ପାଇଁ ବାର୍ତ୍ତା ଦେଇଛନ୍ତି । ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ମହାକାଶକୁ ଯାତ୍ରା କରି ଇତିହାସ ରଚିଛନ୍ତି । ୧୯୮୪ରେ ରାକେଶ ଶର୍ମାଙ୍କ ପରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ଭାବେ ଅନ୍ତରୀକ୍ଷକୁ ଯାଇଛନ୍ତି ଏବଂ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିବେ । ନାସାର କେନେଡି ସ୍ପେସ୍ ସେଣ୍ଟରରୁ ସ୍ପେସଏକ୍ସର ଫାଲକନ ୯ ରକେଟ୍ ମାଧ୍ୟମରେ ଆକ୍ସିଓମ-୪ ମିଶନରେ ଯାତ୍ରା ଆରମ୍ଭ କରିଛନ୍ତି । ଏହି ମିଶନରେ ଶୁଭାଂଶୁ ପାଇଲଟ୍ ଭାବେ ଦାୟିତ୍ୱ ନେଇଛନ୍ତି, ଯେଉଁଥିରେ ଆମେରିକାର ପେଗୀ ହ୍ୱିଟସନ୍ କମାଣ୍ଡର ଅଛନ୍ତି । ୧୪ ଦିନିଆ ଏହି ମିଶନରେ ଶୁଭାଂଶୁ ୬୦ଟି ବୈଜ୍ଞାନିକ ପରୀକ୍ଷା କରିବେ, ଯେଉଁଥିରୁ ୭ଟି ଭାରତୀୟ ଗବେଷକଙ୍କ ଦ୍ୱାରା ପ୍ରସ୍ତାବିତ । ସୂଚନା ଅନୁସାରେ ଡକିଂ ଗୁରୁବାର ଭାରତୀୟ ସମୟ ଅପରାହ୍ନ ୪ଟା୩୦ ରେ ହେବ । ପ୍ରଧାନମନ୍ତ୍ରୀ ମୋଦୀ ଏହି ସଫଳତା ପାଇଁ ଶୁଭାଂଶୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଯାହା ଭାରତର ଗଗନଯାନ ମିଶନ ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଐତିହାସିକ ଯାତ୍ରା ସହିତ, ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଯାତ୍ରା ଆରମ୍ଭ କରିଛନ୍ତି ଏବଂ ଆଇଏସଏସରେ ପହଞ୍ଚିବାରେ ପ୍ରଥମ ଭାରତୀୟ ହେବେ । ଏପର୍ଯ୍ୟନ୍ତ ରକେଟର ସମସ୍ତ ପର୍ଯ୍ୟାୟ ସଫଳ ହୋଇଛି ଏବଂ କ୍ରୁ କ୍ୟାପସୁଲ କକ୍ଷପଥରେ ପ୍ରବେଶ କରିଛି । ଆକ୍ସିଅମ୍-୪ ମିଶନରେ ସାମିଲ ଥିବା ତିନି ଦେଶ, ଭାରତ, ପୋଲାଣ୍ଡ ଏବଂ ହଙ୍ଗେରି, ସେମାନଙ୍କର ନିଜ ନିଜ ମହାକାଶଚାରୀଙ୍କ ଖର୍ଚ୍ଚ ନିଜେ ବହନ କରିଛନ୍ତି । ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ଉପରେ ଟ୍ୱିଟ୍ କରି କହିଛି, ଏହି ମିସନ୍ କେବଳ ଏକ ଉଡ଼ାଣ ନୁହେଁ, ବରଂ ଭାରତର ଆତ୍ମବିଶ୍ୱାସ ଏବଂ ସାହସର ପ୍ରତୀକ । ପୁଅର ସଫଳତାରେ ବାପା ମାଁଙ୍କ ଆଖିରୁ ଖୁସିର ଲୁହ ଝରିଛି । ମହାକାଶ ଯାତ୍ରାର ସିଧାପ୍ରସାରଣ ଦେଖୁଥିବା ବେଳେ ଶୁଭାଂଶୁଙ୍କ ବାପାମାଆଙ୍କୁ ଲକ୍ଷ୍ନୌରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି କରି ଡକାଯାଇ ଭବ୍ୟ ଆତିଥ୍ୟତା ଦିଆଯାଇଛି ଯାହା ବାପାମାଆଙ୍କୁ ଖୁସି ଦେଇଛି । ପୂର୍ବରୁ ୫ ଥର ମିଶନ ବାତିଲ କରାଯାଇଥିଲା । କେବେ ଯାନ୍ତ୍ରିକ ତ୍ରୁଟି ତ ପୁଣି କେବେ ଖରାପ ପାଣିପାଗ ପାଇଁ ମିଶନକୁ ବାତିଲ କରାଯାଇଥିଲା ।

ଦିନକ ପରେ ତିନିଠାକୁରଙ୍କ ଘୋଷଯାତ୍ରା: ଆଜି ଶ୍ରୀଜିଉଙ୍କ ନବଯୌବନ ଦର୍ଶନ

ପୁରୀ, ୨୫/୬ (ନି.ପ୍ର): ଅପେକ୍ଷାର ହେବ ଅନ୍ତ । ୧୫ ଦିନ ପରେ ଭକ୍ତ ଦେଖିବେ କଳା ଶ୍ରୀମୁଖ । ନବଯୌବନ ବେଶରେ ଦର୍ଶନ ଦେବେ ଶ୍ରୀଜିଉ । ଗୁରୁବାର ସକାଳ ୮ଟାରୁ ଆରମ୍ଭ ହେବ ଦର୍ଶନ ବ୍ୟବସ୍ଥା । ସକାଳ ୮ଟାରୁ ୯ଟା ଯାଏ ଟିକେଟ୍ ଦର୍ଶନ ବ୍ୟବସ୍ଥା । ୩ ହଜାର ଟିକେଟ୍‌ର ବନ୍ଦୋବସ୍ତ । ସକାଳ ୯ଟାରୁ ସାଢ଼େ ୧୦ଟା ଯାଏ ସର୍ବସାଧାରଣ ଦର୍ଶନ । ଭକ୍ତମାନେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ । ଦିନ ୧୨ରେ ହେବ ନେତ୍ରୋତ୍ସବ । ତେବେ ଗତବର୍ଷ ରଥଯାତ୍ରା ଦିନ ନବଯୌବନ ଓ ନେତ୍ରୋତ୍ସବ ପଡୁଥିବାରୁ ଦର୍ଶନରୁ ବଞ୍ଚିତ ହୋଇଥିଲେ ଭକ୍ତ । ସେହିପରି ଆଜି ସରିବ ରଥ କାର୍ଯ୍ୟ । କାଲି ଅପରାହ୍ନ ୪ଟାରେ ୧୦ରେ ଆଜ୍ଞାମାଳ ଆସିବା ପରେ ରଥଖଳାରୁ ସିଂହଦ୍ୱାରରେ ପହଞ୍ଚି ୩ ରଥ । ▶▶ପୃଷ୍ଠା ୭

ସିବିଏସ୍‌ଇର ବଡ଼ ନିଷ୍ପତ୍ତି : ବର୍ଷକୁ ଦୁଇଥର ହେବ ଦଶମ ପରୀକ୍ଷା

ଭୁବନେଶ୍ୱର, ୨୫/୬ (ନି.ପ୍ର): ଦଶମ ପରୀକ୍ଷାକୁ ନେଇ ସିବିଏସ୍‌ଇର ବଡ଼ ନିଷ୍ପତ୍ତି । ୨୦୨୬ରୁ ଦୁଇଟି ପର୍ଯ୍ୟାୟରେ ହେବ ବୋର୍ଡ ପରୀକ୍ଷା । ସିବିଏସ୍‌ଇ ବୋର୍ଡ ମାନଦଣ୍ଡକୁ ଦେଲା ମଞ୍ଜୁରି , ବର୍ଷକୁ ଦୁଇଥର ହେବ ସିବିଏସ୍‌ଇ ଦଶମ ପରୀକ୍ଷା । ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଫେବ୍ରୁଆରିରେ ହେବ । ଏହା ପରେ ମେ' ମାସରେ ହେବ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା । ପିଲାଙ୍କ ମୁଣ୍ଡରୁ ପରୀକ୍ଷା ଚାପ ହ୍ରାସ କରିବାକୁ ବୋର୍ଡ ଏହି ପଦକ୍ଷେପ ନେଇଛି । ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ଅନିବାର୍ଯ୍ୟ । ମାର୍କ କମ୍ ରହିଲେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ସୁଧାରି ପାରିବେ । ଯେଉଁ ପରୀକ୍ଷାରେ ଅଧିକ ମାର୍କ ରହିବ ତାକୁ ଗ୍ରହଣ କରାଯିବ ।

ଘୁଞ୍ଚିଲା ଆରଆଇଇ ସାଧାରଣ ପ୍ରବେଶିକା ପରୀକ୍ଷା: ୧୩ ଜୁଲାଇ ନୂଆ ତାରିଖ ଘୋଷଣା

ଭୁବନେଶ୍ୱର, ୨୫/୬ (ନି.ପ୍ର): ବିଭିନ୍ନ ବିଏ ବିଏଡ୍, ବିଏସସି ବିଏଡ୍, ଏମଏସସି ବିଏଡ୍, ବିଏଡ୍-ଏମଏଡ୍, ଏମଏ (ଶିକ୍ଷା ପ୍ରଯୁକ୍ତି) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆୟୋଜିତ ହେଉଥିବା ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)-୨୦୨୫କୁ ଘୁଞ୍ଚାଇ ଦିଆଯାଇଛି। ଏଥିସହିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ (ଆରଆଇଇ) ପକ୍ଷରୁ ପରୀକ୍ଷାର ନୂଆ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି କମ୍ପ୍ୟୁଟର ଆଧାରିତ ପରୀକ୍ଷା ରବିବାର ୨୯ ଜୁନ୍ ୨୦୨୫ରେ ଅନୁଷ୍ଠିତ ହେବାର ଥିଲା। ତେବେ ବୈଷୟିକ କାରଣ ଏବଂ ଅନ୍ୟ ଅନିର୍ବାର୍ଯ୍ୟ ପରିସ୍ଥିତି କାରଣରୁ ଏହାକୁ ଘୁଞ୍ଚାଇ ଦିଆଯାଇଛି। ନିକଟରେ ପ୍ରକାଶିତ ବିଜ୍ଞପ୍ତି ମୁତାବକ ପରୀକ୍ଷାର ନୂଆ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି ଏବଂ ଏହା ରବିବାର ୧୩ ଜୁଲାଇ ୨୦୨୫ରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ଏହି ଦେଶବ୍ୟାପୀ ପ୍ରବେଶିକା ପରୀକ୍ଷା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମଲେଖା ▶▶ପୃଷ୍ଠା ୭

ଟ୍ରମ୍ପଙ୍କୁ ଇରାନର ଜବାବ- ସ୍ଥଗିତ ହେବନି ପରମାଣୁ କାର୍ଯ୍ୟକ୍ରମ

ତେହରାନ, ୨୫/୬ (ନି.ପ୍ର): ଇରାନର ପରମାଣୁ ଉର୍ଜା ଏଜେନ୍ସି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରି ସ୍ପଷ୍ଟ କରିଛି ଯେ ଇରାନର ପରମାଣୁ କାର୍ଯ୍ୟକ୍ରମ କୌଣସି ପରିସ୍ଥିତିରେ ବନ୍ଦ ହେବନି । ଏଇଓଆଇର ମୁଖପାତ୍ର ଜାରି କରିଥିବା ବିବୃତିରେ କହିଛନ୍ତି ଯେ ଇରାନ ୟୁରାନିୟମ୍ ସଂବର୍ଧନ ପ୍ରକ୍ରିୟା ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି ଏବଂ ଏହି ପ୍ରକ୍ରିୟା କୌଣସି ବାହ୍ୟ ଚାପ ଅଧୀନ ନୁହେଁ। ଏଇଓଆଇ କହିଛି ଯେ ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ଅଟେ ଏବଂ ଏହା ଆମର ଜାତୀୟ ସାର୍ବଭୌମତ୍ୱ ଓ ବୈଜ୍ଞାନିକ ଆତ୍ମନିର୍ଭରତାର ପ୍ରତୀକ। ଆମେ ଆମର ଅଧିକାର ଠାରୁ ପଛକୁ ହଟିବୁ ନାହିଁ । ଏଜେନ୍ସି ଆହୁରି କହିଛି ଯେ ୟୁରାନିୟମ୍ ସଂବର୍ଧନ ପ୍ରକ୍ରିୟା ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ନିର୍ଦ୍ଦେଶାବଳୀ ଅନୁଯାୟୀ ହେବ, କିନ୍ତୁ ଏହାକୁ କୌଣସି ରାଜନୈତିକ ଚାପ କିମ୍ବା ବୁଝାମଣା ଆଧାରରେ ତ୍ୟାଗ କରାଯିବ ନାହିଁ।

ଇ-ରେଜିଷ୍ଟ୍ରେସନ ଆପ୍ ଲଞ୍ଚ କଲେ ମୁଖ୍ୟମନ୍ତ୍ରୀ: ଗୋଟିଏ ଟିପରେ ମିଳିପାରିବ ୧୮ ପ୍ରକାରର ସେବା

ଭୁବନେଶ୍ୱର, ୨୫/୬ (ନି.ପ୍ର): ଘରେ ବସି ନିଜ ମୋବାଇଲରେ ଜମି କିଣାବିକା ପାଇଁ ବୁକ୍ କରିପାରିବେ ସ୍ଲଟ୍ । ବାହାର କରିପାରିବେ ଇସି, ଚେକ୍ କରି ପାରିବେ ବେଞ୍ଚ୍ ମାର୍କ ଭାଲ୍ୟୁ । ଏଥିପାଇଁ ସବ୍ ରେଜିଷ୍ଟ୍ରାର ଅଫିସକୁ ଧାଇଁବା ଦରକାର ନାହିଁ । ଏସବୁ ସେବା ପାଇଁ ମୁଖ୍ୟମନ୍ତ୍ରୀ ଲଞ୍ଚ୍ କରିଛନ୍ତି ଏକ ଇ-ରେଜିଷ୍ଟ୍ରେସନ ଆପ୍ । ଏଣିକି ଆଉ ଜମି କିଣାବିକା ପାଇଁ ବି ବାରମ୍ବାର ସବ୍ ରେଜିଷ୍ଟ୍ରାର ଅଫିସ୍ ଦୌଡ଼ିବା ଦରକାର ନାହିଁ । ଦଲାଲ ହାବୁଡ଼ରେ ପଡିବେନି କି

ଲାଞ୍ଚ ଦେବାକୁ ପଡ଼ିବନି । ଦଲାଲ ଆଉ ଦୁର୍ନୀତି ମୁକ୍ତ ହେବ ସବ୍ ରେଜିଷ୍ଟ୍ରାର ଅଫିସ୍ । ପେପର ଲେସ୍ ଆଉ କ୍ୟାସ୍ ଲେସ୍ ହେବ ସରକାରୀ ପ୍ରକ୍ରିୟା । ଘରେ ବସି ମୋବାଇଲରେ ହେଇଯିବ ଏସବୁ କାମ । ରାଜସ୍ୱ ସେବା ପାଇଁ ଆସିଲା ଇ-ରେଜିଷ୍ଟ୍ରେସନ ଆପ୍ । ▶▶ପୃଷ୍ଠା ୭

ପଂଜାବ କଂଗ୍ରେସର ଦୁଇ ନେତାଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୫/୬ : ଲୁଧିୟାନା ପଶ୍ଚିମ ବିଧାନସଭା ଉପ ନିର୍ବାଚନରେ ପରାଜୟ ପରେ ପଞ୍ଜାବ କଂଗ୍ରେସରେ ଇସ୍ତଫାର ଲହରୀ ଆରମ୍ଭ ହୋଇଛି ।ପାର୍ଟୀର ଦୁଇ ବରିଷ୍ଠ ନେତା ପରଗଟ ସିଂହ ଏବଂ କୁଶଲଦୀପ ସିଂହ ଢିଲ୍ଲୋ ପଞ୍ଜାବ କଂଗ୍ରେସର ଉପାଧକ୍ଷ ପଦରୁ ଇସ୍ତଫା ଦେଇଛନ୍ତି ।ମଙ୍ଗଳବାର ରାତିରେ ଜାଳନ୍ଧର କ୍ୟାଣ୍ଟର ବିଧାୟକ ଏବଂ ଭାରତୀୟ ହକି ଟିମର ପୁର୍ବ ଖେଳାଳୀ ପରଗଟ ସିଂହ ରାଜ୍ୟ କଂଗ୍ରେସ ୟୁନିଟର ଉପାଧକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ▶▶ପୃଷ୍ଠା ୭

ପ୍ରବଳ ବର୍ଷାରେ ବେହାଲ ବାଲେଶ୍ୱର: ଟାଟା ପାୱାରରେ ବଡ଼ ଅଘଟଣ, ପାଚେରୀ ଭୁଶୁଡ଼ି ଜଣେ ମୃତ

ବାଲେଶ୍ୱର, ୨୫/୬ (ନି.ପ୍ର): ବାଲେଶ୍ୱର ବାଲିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ବେଳେ ଟାଟା ପାୱାର ଷ୍ଟୋର ପାଚେରୀ ଭୁଶୁଡ଼ି ପଡ଼ିଛି । ଯେଉଁଥିରେ ଚାପିହୋଇ ରାଜମିସ୍ତ୍ରୀ ସଦାନନ୍ଦ ଟୁଡୁଙ୍କ ମୃତ୍ୟୁ ହୋଇଛି । ▶▶ପୃଷ୍ଠା ୭

ଜରୁରୀକାଳୀନ ପରିସ୍ଥିତିକୁ ପୂରିଲା ୫୦ ବର୍ଷ

ନୂଆଦିଲ୍ଲୀ,୨୫/୬ : ୧୯୭୫ ମସିହା ଜୁନ ୨୫ ତାରିଖରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ୧୯୭୭ ମସିହା ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ଭାରତ ଇତିହାସର ଏକ ବିବାଦୀୟ ସମୟ । ଦେଶର ଆଭ୍ୟନ୍ତରୀଣ ଅଶାନ୍ତି କାରଣରୁ ସମ୍ବିଧାନର ଧାରା ୩୫୨ ଅନୁଯାୟୀ, ଏହା ଲାଗୁ କରାଯାଇଥିଲା । ୧୯୭୦ ଦଶକରେ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବାରେ ଲାଗିଥିଲା । ବିରୋଧି ଦଳ ନେତା ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ବିହାର ଏବଂ ଗୁଜୁରାଟରେ ଆନ୍ଦୋଳନ ବୃଦ୍ଧି ପାଉଥିଲା । ବେରୋଜଗାରୀ, ମୁଦ୍ରାସ୍ଫୀତି ବୃଦ୍ଧି ଓ ଦୁନୀତିକୁ ଭିତ୍ତି କରି ଏହି ଆନ୍ଦୋଳନ ଜାରି ରହିଥିଲା । ଏହା ଭିତରେ ୧୯୭୫ ଜୁନ୍ ୧୨ରେ ଆଲ୍‌ହାବାଦ ହାଇକୋର୍ଟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଏକ ଗମ୍ଭୀର ରାୟ ଶୁଣାଇଥିଲେ । ୧୯୭୧ ମସିହାରେ ଲୋକସଭା ନିର୍ବାଚନର ପ୍ରଚାର ବେଳେ ଅନିୟମିତତା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ ଆଲ୍‌ହାବାଦ ହାଇକୋର୍ଟ । ଏ ନେଇ ଜନ ପ୍ରତିନିଧି ଆଇନ ୧୯୫୧ ଅନୁଯାୟୀ, ଆସନ୍ତା ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢିବା ପାଇଁ ଅଯୋଗ୍ୟ ଘୋଷଣା କରିଥିଲେ। ସୁପ୍ରିମକୋର୍ଟ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ରହିବା ଏବଂ ସଂସଦ କାର୍ଯ୍ୟରେ ଯୋଗଦେବା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିଲେ । କିନ୍ତୁ ଭୋଟ ଦେବା ପାଇଁ ପ୍ରତିବନ୍ଧକ ଲଗାଇଥିଲେ । ତେବେ ତାଙ୍କ ବିରୋଧରେ ଲୋକଙ୍କ ମଧ୍ୟରେ ଆକ୍ରୋଶ ବଢିବାରେ ଲାଗୁଥିଲା । ଇନ୍ଦିରା ଗାନ୍ଧୀଙ୍କ ଇସ୍ତଫା ଦାବି କରୁଥିଲେ ବିରୋଧି ଦଳ ସମେତ ସାଧାରଣ ଲୋକେ । ବିରୋଧୀ ଦଳ ନେତା ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ବିରୋଧ ଏତେ ମାତ୍ରାରେ ବଢିଗଲା ଯେ, ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ଅହମ୍ମଦ ଧାରା ୩୫୨ ଅନୁଯାୟୀ ଆଭ୍ୟନ୍ତରୀଣ ଅଶାନ୍ତ ଦର୍ଶାଇ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଅନ୍ୟ ବିରୋଧି ଦଳଙ୍କୁ ପୋଲିସ୍ ଓ ସଶସ୍ତ୍ର ବାହିନୀ ବିରୋଧରେ ଉସୁକାଇବା ଅଭିଯୋଗରେ ଜୟପ୍ରକାଶ ନାରାୟଣଙ୍କ ବିରୋଧରେ ପ୍ରେସ ନୋଟ ଜାରି କରିଥିଲେ । ▶▶ପୃଷ୍ଠା ୭

ମୋତେ ଆପଣଙ୍କ ସାହାଯ୍ୟ ଦରକାର ନାହିଁ: ପୁଟିନଙ୍କୁ ଟ୍ରମ୍ପଙ୍କ ଜବାବ

ନୂଆଦିଲ୍ଲୀ,୨୫/୬ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନାଟୋ ଶିଖର ସମ୍ମିଳନୀରେ ସାମିଲ ହେବାକୁ ନେଦରଲ୍ୟାଣ୍ଡ ହେଗରେ ଅଛନ୍ତି । ହେଗ୍ ଯିବା ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ମନ୍ତବ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିରାମ ପାଇଁ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାଙ୍କୁ ନିଜର ସାହାଯ୍ୟ ଯାଚିଥିଲେ ବୋଲି କହିଛନ୍ତ ଟ୍ରମ୍ପ । ଗତ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି,

ପୁଟିନ୍ ତାଙ୍କ ସହ ଫୋନରେ କଥା ହୋଇଥିଲେ । ଇରାନ ଓ ଇସ୍ରାଏଲ ମଧ୍ୟରେ ଲାଗିଥିବା ଯୁଦ୍ଧକୁ ରୋକିବାକୁ ଯୁଦ୍ଧବିରାମ ଘୋଷଣା କରିବାକୁ ତାଙ୍କର କିଛି ସାହାଯ୍ୟ ଦରକାର କି ବୋଲି ପଚାରିଥିଲେ ପୁଟିନ୍ । ଉତ୍ତରରେ ' ତାଙ୍କର କୌଣସି ସାହାଯ୍ୟ ଦରକାର ନାହିଁ ବୋଲି କହିବା ସହ ନିଜେ ୟୁକ୍ରେନ୍ ସହ ଜାରି ରଖିଥିବା ବିବାଦର ସମାଧାନ ଉପରେ ଗୁରୁତ୍ୱ ଦେବାକୁ କହିଥିବା କହିଛନ୍ତି । ▶▶ପୃଷ୍ଠା ୭

ମ୍ୟାଲେରିଆ ଓ ଡାଇରିଆ ନିରାକରଣ ନେଇ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୫/୬ (ନି.ପ୍ର): ସାରା ରାଜ୍ୟରେ ଡାଇରିଆ ଆତଙ୍କ ଖେଳାଇ ଦେଇଛି । ଏନେଇ କୋରପୁଟ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । କୋରାପୁଟ ଜିଲାରେ ମ୍ୟାଲେରିଆ ଓ ଡାଇରିଆ ନିରାକରଣ ନେଇ ପ୍ରତ୍ୟେକ ଗ୍ରାମରେ ସ୍ୱାସ୍ଥ୍ୟ କର୍ମୀ, ଆଶା, ଅଙ୍ଗନବାଡି କର୍ମୀମାନେ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି । ଜୟପୁର ବ୍ଲକର ୩୪୦ ଗ୍ରାମରେ ୨୧୫ ଜଣ ଆଶା ଦିଦି ରାତ୍ର ୭ ହୋଇଗଲେ ଘଂଟ ମାରି ମଶାରି ଟାଣି ଶୋଇବାକୁ ଲୋକ ମାନଙ୍କୁ ସଚେତନ କରୁଛନ୍ତି । ମଶା ଦାଉରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ଗ୍ରାମରେ ଆଶା ଦିଦି ମାନେ ଘଂଟ ମାରି ଲୋକଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟ କର୍ମୀ ମାନେ ଘର ଘର ବୁଲି ଖାଇବା ପୂର୍ବରୁ କିପରି ହାତ ଧୋଇବେ ସେନେଇ ସଚେତନ କରୁଛନ୍ତି । ପାଣିକୁ ଅଧ ଘଣ୍ଟା ଫୁଟାଇ କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ମିଶାଇ ଅଧଘଣ୍ଟା ପରେ ପିଅନ୍ତୁ, ଖାଦ୍ୟ ପ୍ରସ୍ତୁତି ତଥା ଖାଇବା ପୁବରୁ ଏବଂ ଝାଡାଯିବା ପରେ ହାତକୁ ଭଲଭାବରେ ସାବୁନରେ ସଫା କରନ୍ତୁ, ବାହାରେ ଝାଡା ନଫେରି କେବଳ ପାଇଖାନା ବ୍ୟବହାର କରନ୍ତୁ । ଖୋଲାରେ ବିକ୍ରି ହେଉଥିବା ବାହାର ଖାଦ୍ୟ ଖାଆନ୍ତୁ ନାହିଁ , ବାସି, ପଚାଷଡା ଫଳ, ପନିପରିବା ଖାଆନ୍ତୁ ନାହିଁ, ମାଛି ବସିନଥିବା ତଟକା ଖାଦ୍ୟ ଖାଆନ୍ତୁ, ପିଇବା ପାଣି ପାତ୍ର ରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ, ଦୁଷିତ ଓ ଅପରିଷ୍କାର ପାଣିରେ କୁଳି କରନ୍ତୁ ନାହିଁ , ଡାଇରିଆ ହେଲେ ରାଗିଙ୍କୁ ବାରମ୍ବାର ଓଆରଏସ, ଦ୍ରବଣ ପିଇବାକୁ ଦିଅନ୍ତୁ ଏବଂ ତୁରନ୍ତ ଡାକ୍ତରଖାନା ନିଅନ୍ତୁ, ବିଳମ୍ବ ହେଲେ ରୋଗୀର ଜୀବନ ସଙ୍କଟାପନ୍ନ ହୋଇପାରେ ବୋଲି ସଚେତନ କରାଯାଉଛି । ତଳ ସ୍ତରରେ ଆବଶ୍ୟକତା ଅନୁସାରେ କ୍ୟାମ୍ପ କରି ସେବା ଯୋଗାଇବାକୁ ନିଷ୍ପତି ହୋଇଛି । ଅତ୍ୟଧିକ ରୋଗୀ ଚିହ୍ନଟ ସ୍ଥାନ ଗୁଡିକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଯେମିତି ମଶା ତେଲ ଛିଂଚନ, ଧୂଆଁ ପ୍ରୋୟୋଗ କରୁଥିବା ମେସିନ ଉପଯୋଗ କରାଯିବ । ଦୀର୍ଘ ସ୍ଥାୟୀ କୀଟନାଶକ ମଶାରୀ ସହ ସଫେଇ କାର୍ଯ୍ୟ ତ୍ୱରାନିତ୍ୱ କରିଯାଉଛି । ନୀଚ ଜାଗାରେ ପାଣି ଜମୁଥିବା ସ୍ଥାନ ଗୁଡିକ ସମତୁଲ ଏବଂ ଆବର୍ଜନାକୁ ଜନ ବସ୍ତି ଠାରୁ ତୁରନ୍ତ ଦୂରେଇ ପକେଇବା ଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ମୁଣ୍ଡ ବଥା ତଥା ଜ୍ୱର ହେଲେ ବି ଡେଙ୍ଗୁ ମ୍ୟାଲେରିଆ ପାଇଁ ଟେଷ୍ଟିଙ୍ଗ ପରିମାଣ ବଢେଇବା ଉପରେ ଗୁରୁତ୍ୱ ଦିଆଯାଇଛି । ସମସ୍ତ ଅଙ୍ଗନବାଡି ଦିଦି ମାନଙ୍କୁ ଏଥି ନିମନ୍ତେ ପ୍ରଶିକ୍ଷଣ ଦେବା ସହ ଗାଁ ଓ ସହରର ସମସ୍ତ ପ୍ରାନ୍ତ ସଫା କରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି । ତୃଣମୂଳ ସ୍ତରରେ ଜନସଚେତନତା ସୃଷ୍ଟି କରି ଏହାର ନିରାକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଦୀର୍ଘ ସ୍ଥାୟୀ କୀଟନାଶକ ମଶାରୀ ବଂଟନ ଓ ଏହାର ଉପଯୁକ୍ତ ବ୍ୟବହାର ଲୋକଙ୍କୁ ସଚେତନ ହେଲେ ମ୍ୟାଲେରିଆ ଓ ଡାଇରିଆ ରୋଗକୁ ମୁକାବିଲା କରାଯାଇ ପାରିବ ବୋଲି ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି । ଜୟପୁର ବ୍ଲକର ମେଡିକାଲ ଅଫିସର ସ୍ୱାସ୍ତିକ ମହଲା, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି ସଚେତନତା କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି ।

ଆପାତକାଳର ୫୦ ବର୍ଷ ପୂର୍ତି ଉପଲକ୍ଷେ ସମ୍ବିଧାନ କଳା ଦିବସ କାର୍ଯ୍ୟକ୍ରମ ପ୍ରସ୍ତୁତି

ସମ୍ବଲପୁର, ୨୫/୬ (ନି.ପ୍ର): ଆଜି ଠୁ ୫୦ ବର୍ଷ ପୂର୍ବେ ଆଜିର ଦିନରେ ୧୯୭୫ ମସିହାରେ ଦେଶରେ ଘୋଷଣା ହୋଇଥିଲା ରାଷ୍ଟ୍ରୀୟ ଆପାତକାଳ । ରାଷ୍ଟ୍ରୀୟ ଆପାତକାଳ ର ସେହି ୨୧ ମାସ ହେଉଛି ଭାରତୀୟ ଗଣତନ୍ତ୍ର ର କଳା ଅଧ୍ୟାୟ । ଏହି ଦିନକୁ ବିଜେପି ପକ୍ଷରୁ ଦେଶ ବ୍ୟାପି ସମ୍ବିଧାନ କଳା ଦିବସ ଭାବେ ପାଳନ କରାଯାଏ । ଏହି ଅବସରରେ ଆଜି ବିଜେପି ପକ୍ଷରୁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିପାଇଁ ଆଜି ସମ୍ବଲପୁର ଆସୁଛନ୍ତି କେନ୍ଦ୍ରାପଡା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ପ୍ରବକ୍ତା ବୈଜୟନ୍ତ ପଣ୍ଡା । ସକାଳୁ ପହଂଚି ପୋତାପାଲି ଶ୍ରୀକୃଷ୍ଣ ଗୌଶାଲା ଠାରେ କରିବେ ବୃକ୍ଷ ରୋପଣ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଠାରେ ହେଉଥିବା 'ମୋକ ପାର୍ଲିଆମେଂଟ' ରେ ସାମିଲ୍ ହେବେ । ଏହାପରେ ହୋଟେଲ ରିଭର ଇନ୍ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେବେ । ସେଠାରେ ଏକ ପ୍ରଦର୍ଶନୀକୁ ଉଦଘାଟନ କରି ମୁଖ୍ୟ କାର୍ଯ୍ୟକ୍ରମ ସମ୍ବିଧାନ କଳା ଦିବସର ସାଧାରଣ ସଭାରେ ସାମିଲ ହେବେ । ବିଜେପି ଉପାଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ଗସ୍ତକୁ ନେଇ ବିଜେପି ପକ୍ଷରୁ କାଲି ସମସ୍ତ ଆୟୋଜନକୁ ଚୂଡାନ୍ତ ରୂପ ଦିଆଯାଇଛି । ସାଂସଦ ଶ୍ରୀ ପଣ୍ଡାଙ୍କ ଅଗ୍ରୀମ ଟିମ ସହିତ ବିଜେପିର ଏକ ପ୍ରତିନିଧି ଦଳ ଏମ.ସି.ଏଲ ହେଲିପେଡ ରୁ ଆରମ୍ଭ କରି ହୋଟେଲ ରିଭର ଇନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ସ୍ଥାନକୁ ଯାଇ ସମସ୍ତ ବ୍ୟବସ୍ଥା ପଚାରି ବୁଝିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରାଙ୍କ ନେତୃତ୍ୱରେ ଗତ ଦୁଇ ଦିନ ପୂର୍ବରୁ ଏହି କାର୍ଯ୍ୟକ୍ରମ ପାଇଁ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବିଜେପିର ଏହି ଦଳରେ ବରିଷ୍ଠ ବିଜେପି ନେତା ଡ଼. ପ୍ରମୋଦ ରଥ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସମୀର ରଞ୍ଜନ ବାବୁ, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ବୃକ୍ଷ ରୋପଣ ସଂଯୋଜକ ପରାଗ ଅଗ୍ରୱାଲ, ସମ୍ବିଧାନ କଳା ଦିବସ ସଂଯୋଜକ ନିରଞ୍ଜନ କିଶୋର ଦାସ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡଙ୍ଗୀ, ସକ୍ରିୟ ସଦସ୍ୟ ଅଜିତ ବେହେରା ପ୍ରମୁଖ ସାମିଲ ଥିଲେ ।

ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୨୫/୬ (ନି.ପ୍ର): ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ ଅଟ୍ଟାଳିକା ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଉକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ କରାଯିବ। ଏହି ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକମାନଙ୍କ ନିମନ୍ତେ ତାଲିମ ଶିବିର ଆୟୋଜନ କରିବା କ୍ଷେତ୍ରରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପ୍ରମୁଖ ଭୂମିକା ତୁଲାଇଛି ବୋଲି କହିଥିଲେ । ଏଥିରେ ଅଧିକରୁ ଅଧିକ ଗଣିତ କ୍ଷେତ୍ରରେ ପ୍ରୟୋଗାତ୍ମକ ଗବେଷଣା କରାଯିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ । ଏତଦ୍‌ବ୍ୟତୀତ ଭୁବନେଶ୍ୱରଠାରେ ୧୦୦ ଏକର ଜାଗାରେ ସାଇନ୍ସ ସିଟି ପ୍ରତିଷ୍ଠା ସହ ଜୈବପ୍ରଯୁକ୍ତି ବିଜ୍ଞାନ ଅନ୍ତର୍ଗତ ପ୍ରମୁଖ ୧୭ଟି କ୍ଷେତ୍ରରେ ଆସନ୍ତା ୫ ବର୍ଷ ମଧ୍ୟରେ ୧୧୧୩ କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ସେ କହିଥିଲେ । ଏହି ଅବସରରେ ଯୋଗଦେଇ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍ ଗଣିତକୁ ପ୍ରୟୋଗ କରି ମାନବସମାଜର କଲ୍ୟାଣ ଦିଗରେ ଅଧିକ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ପ୍ରତିଷ୍ଠାନରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ନୂତନ ଭାବେ ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍ସ, ମ୍ୟାଥ୍‌ମେଟିକ୍ସ ଉଇଥ୍ କମ୍ପ୍ୟୁଟିଂ, ମ୍ୟାଥ୍‌ମେଟିକ୍ସ ଉଇଥ୍ ଡାଟା ସାଇନ୍ସ, ମ୍ୟାଥ୍‌ମେଟିକ୍ସ ଉଇଥ୍ କମ୍ପ୍ୟୁସେନାଲ ଫାଇନାନ୍ସ, ମ୍ୟାଥ୍‌ମେଟିକ୍ସ ଉଇଥ୍ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସରେ ପାଂଚବର୍ଷୀୟ ଇଂଟିଗ୍ରେଟେଡ୍ ଏମ୍‌ଏସ୍‌ସି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ । ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି, ଶ୍ରୀମତୀ ବିଦ୍ୟୁତପ୍ରଭା ରାଉତ, ଶ୍ରୀମତୀ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ ଶ୍ରୀମତୀ ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

ବୌଦ୍ଧ ଜିଲା ଗସ୍ତରେ ଓଡିଶା ବିଧାନସଭା ଗୃହ କମିଟି, ଜିଲାସ୍ତରୀୟ ବୈଠକରେ ସଦସ୍ୟମାନେ କଲେ ସମୀକ୍ଷା

ବୌଦ୍ଧ, ୨୫/୬ (ନି.ପ୍ର): ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଓଡିଶା ବିଧାନସଭା ଗୃହ କମିଟି ବୌଦ୍ଧ ଗସ୍ତ କରିଛନ୍ତି । ବୌଦ୍ଧ ଜିଲ୍ଲାପାଳଙ୍କ ସଦଭାବନା ଗୃହ ଠାରେ ଅନୁଷ୍ଠିତ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଓଡିଶା ବିଧାନ ସଭାର ଗୃହ କମିଟିର ସଦସ୍ୟ ମାନେ ଯୋଗଦେଇଛନ୍ତି।କ୍ଷ ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଆସିଥିବା ସମସ୍ତ ସଦସ୍ୟଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ବୈଠକରେ ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକଦୁର୍ଗା ଚରଣ ତନ୍ତୀ, ବିଧାୟକ ନରସିଂହ ମାଡକାମିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ । ବୈଠକରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବକ୍ଷଣୁଆ, ସମସ୍ତ ବ୍ଲକ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ବୈଠକରେ ଜଳସେଚନ, ଗ୍ରାମ୍ୟ ଜଳଯୋଗାଣ, ପର୍ଯ୍ୟଟନ, ପଂଚାୟତିରାଜ, ଶିକ୍ଷା, ଆବାସିକ ବିଦ୍ୟାଳୟ ହଷ୍ଟେଲ, ସମସ୍ତ ପ୍ରକଳ୍ପ କାମ, ଓରମାସ, ଉଦ୍ୟାନ ବିଭାଗର ସମୀକ୍ଷା କରାଯାଇଥିଲା । ଗୃହ କମିଟିର ଅଧ୍ୟକ୍ଷ ଶ୍ରୀ ବାଗ ସମସ୍ତଙ୍କୁ ଏକ ବର୍ଷ ମଧ୍ୟରେ ବହୁତ କାମ କରିଥିବାରୁ ବହୁତ ପ୍ରଶଂସା କରିବା ସହ କର୍ତବ୍ୟ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ଆହ୍ୱାନ କରିଥିଲେ । ସମସ୍ତଙ୍କ ଆଚାର, ବ୍ୟବହାର ଏବଂ ଉପସ୍ଥିତି ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଡେପୁଟି କଲେକ୍ଟର ଲିପସା ଭାରତୀ ଏହି ବୈଠକକୁ ପରିଚାଳନା କରିଥିଲେ । ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ଓଡ଼ିଶା ବିଧାନସଭା ଗୃହ କମିଟି ବୌଦ୍ଧ ବ୍ଲକ ଖୁଂଟବନ୍ଧ ମାର୍କେଟ ୟାର୍ଡ, ମୁଣ୍ଡୁଣ୍ଡି୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରଣ୍ଡା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି । ବରିଷ୍ଠ ବିଧାୟକ ଲକ୍ଷ୍ମଣ ବାଗଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ କମିଟିର ସଦସ୍ୟ ମାନେ ମାର୍କେଟ ୟାର୍ଡରେ ପହଂଚି ଧାନ ବିକ୍ରୟ ପାଇଁ ଆଣିଥିବା ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ଯଥାଶୀଘ୍ର ଚାଷୀ ମାନଙ୍କ ଧାନ ଉଠାଇବା ପାଇଁ ସଦସ୍ୟ ମାନେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

ମୀରାରାଣୀ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ନିର୍ବାଚିତ

କେନ୍ଦ୍ରାପଡ଼ା, ୨୫/୬ (ନି.ପ୍ର): ଆଜି କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକର ଅଧ୍ୟକ୍ଷ ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ମୀରାରାଣୀ ମହାନ୍ତି ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଗଡରୋମିତ ସମିତି ସଭ୍ୟା ମୀରାରାଣୀଙ୍କୁ ସମର୍ଥନ କରିବା ପାଇଁ ଆଜି ୨୫ ଜଣ ସମିତି ସଭ୍ୟ ଉପସ୍ଥିତ ଥିଲେ। ତେବେ ମୀରାରାଣୀଙ୍କ ବିପକ୍ଷରେ ଅନ୍ୟ କୌଣସି ପ୍ରାର୍ଥୀ ନୋମିନେସନ ନକରିବାରୁ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଡବଲ ଇଞ୍ଜିନ୍ ସରକାରରେ ମହାକାଳପଡ଼ା ଅଂଚଳରେ ବିକାଶ ପୂର୍ବାପେକ୍ଷା ଅଧିକ ତ୍ୱରାନ୍ୱିତ ହେବ ବୋଲି ମୀରାରାଣୀ ନିଜ ପ୍ରତିକ୍ରିୟାରେ କହିଛନ୍ତି କ୍ଷ ଗତ ମେ ମାସ ୨୮ ତାରିଖରେ ମହାକାଳପଡ଼ା ବ୍ଲକ୍ ଅଧକ୍ଷା କଳ୍ପନା ରାଉତଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଏଥିରେ କଳ୍ପନାଙ୍କୁ ପଦ ହରାଇବା ପାଇଁ ପଡିଥିଲା। ତାଙ୍କର ଏହି ନିର୍ବାଚନେର ବଜେପି ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ରାଜ୍ୟ ସଭାପତି ମନେମାହନ ସାମଲଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

୮ଦଫା ଦାବିନେଇ ଅଲ୍‌ଓଡିଶା ପରିବହନ ଚାଳକସଂଘ ପକ୍ଷରୁ ଆସନ୍ତା ୮ରୁ ଷ୍ଟେରିଙ୍ଗ ଛାଡ଼ି ଆନ୍ଦୋଳନ ଚେତାବନୀ

ନୀଳଗିରି, ୨୫/୬ (ନି.ପ୍ର): ଆସନ୍ତା ଜୁଲାଇ ୮ତାରିଖ ଠାରୁ ଷ୍ଟେରିଙ୍ଗ ଛାଡ଼ି ଗାଡ଼ିଚାଳନା କାର୍ଯ୍ୟରୁ ନିବୃତ ରହିବାକୁ ସରକାର ଓ ପ୍ରଶାସକଙ୍କ ଠାରେ ଦୃଢ଼ ଚେତାବନୀ ଦେଇଛନ୍ତି ଅଲ୍ ଓଡିଶା ପରିବହନ ଚାଳକସଂଘ। ପ୍ରମୁଖ ୮ ଦଫା ଦାବି ମଧ୍ୟରେ ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ବାରମ୍ବାର ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ,୬୦ବର୍ଷ ବୟସପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ହାଇୱେ ଗୁଡିକରେ ଯାଉଥିବା ସମୟରେ ଗାଡ଼ି ଏବଂ ଡ୍ରାଇଭରମାନଙ୍କ ବିଶ୍ରାମନେବା ପାଇଁ ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ପାର୍କିଂ ସହିତ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା,ରାଜ୍ୟରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନାଗୁଡ଼ିକରେ ଶତକଡ଼ା ୭୦ପ୍ରତିଶତ ଡ୍ରାଇଭରମାନଙ୍କୁ କାମକରିବା ପାଇଁ ଅଗ୍ରାଧିକାର ପ୍ରଦାନ, ସେପ୍ଟେମ୍ବର ୧ ତାରିଖକୁ ଡ୍ରାଇଭର ଦିବସ ରୂପେ ଘୋଷଣା, ଡ୍ରାଇଭିଙ୍ଗ ଲାଇସେନ୍ସରେ ତ୍ରୁଟିଥିବା ଜନ୍ମତାରିଖ ସଂଶୋଧନର ସରଳୀକରଣ ବ୍ୟବସ୍ଥା କରିବା,ଏତଦଭିନ୍ନ ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣବୋର୍ଡରେ ଦେୟ ମୁକ୍ତ ସଦସ୍ୟତା ଭଳି ପ୍ରମୁଖ ଦାବୀମାନ ରହି ଅଛି। ତେବେ ସଂଘପକ୍ଷରୁ ବିଭିନ୍ନ ସମୟରେ ବାରମ୍ବାର ସରକାରଙ୍କୁ ଅବଗତ କରାଯାଇଥିଲେ ହେଁ ମାତ୍ର ଗୋଟିଏ ଦାବି ପୂରଣ ହୋଇଛି। ଯାହାକି ଡ୍ରାଇଭର ସମାଜପାଇଁ ଯଥେଷ୍ଟ ନୁହେଁ । ଏଥିମଧ୍ୟରୁ ଅନେକ ଗୁଡ଼ିଏ ମୁଖ୍ୟ ସମସ୍ୟାର ସମାଧାନ ଅଦ୍ୟାବଧି ହୋଇପାରି ନାହିଁ । ସରକାର ସମସ୍ୟା ଗୁଡ଼ିକୁ ସମାଧାନ କରିବା ନିମନ୍ତେ କୌଣସି ଆଗ୍ରହ ପ୍ରକାଶ କରୁନଥିବାରୁ ପୂର୍ବରୁ ମାର୍ଚ୍ଚ ୨୯ତାରିଖ ଠାରୁ ଦୀର୍ଘଦିନ ପର୍ଯ୍ୟନ୍ତ ଲୋୟର ପିଏମଜିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ମାଧ୍ୟମରେ ସରକାରଙ୍କ ପାଖରେ ଗୁହାରି ଜଣାଇଥିଲେ ମଧ୍ୟ କୌଣସି ସମସ୍ୟା ସମାଧାନ ହୋଇପାରି ନାହିଁ । ଯାହାଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି। ଜୁଲାଇ ୭ତାରିଖ ସୁଦ୍ଧା ସରକାର ଯଦି ଡ୍ରାଇଭର ମାନଙ୍କର ସମସ୍ୟାର ସମାଧାନ ନକରି ଅଣଦେଖା କରନ୍ତି, ଜୁଲାଇ ୮ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟେରିଙ୍ଗି ଛାଡ଼ି ଆନ୍ଦୋଳନ କରିବା ସହିତ ଦରକାର ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବା ସହିତ ସରକାରଙ୍କୁ ଅସହଯୋଗ କରାଯିବ।ଏଥିପାଇଁ ଯଦି ପରିବହନ ବ୍ୟବସ୍ଥାରେ ବାଧାପ୍ରାପ୍ତ ହୁଏ ବା ଜନଜୀବନ ଉପରେ ପ୍ରଭାବ ପଡ଼ି ଅପ୍ରୀତିକର ପରିସ୍ଥିତି ଉପୁଜେ ସେଥିପାଇଁ ସରକ

ଧାରାବାହିକ:

ଭାଗ-୫

ସଂକ୍ଷିପ୍ତ ଭାଗବତ କଥାମୃତ

୧୦ମ ସ୍କନ୍ଧ, ଗୋପଲୀଳା

ଡ. ଶ୍ରୀହରି ପଣ୍ଡା

ଦଧିଭାଣ୍ଡରେ ପରିସ୍ରା କଲା । ରାମଟି ଭଲ ପିଲା କିନ୍ତୁ ଏହି କାଳିଆ ଟୋକା ଭାରି ଦୁଷ୍ଟ ; ଯେମିତି କିଛି ଜାଣିନି ଆସି ତୁମ ନିକଟରେ ଛିଡା ହୋଇଛି । ଗୋପୀମାନେ ନିଜ ନିଜର ଚୋରୀ ଯାଇଥିବା ସରଲବଣୀ ସମ୍ପର୍କରେ ଅବଗତ କରାଇବା ସହ ଜଣେ ଗୋପୀ କହିଲା ଦିନେ ମୋ ଘରକୁ ଯାଇ ଇଏ ସରଲବଣୀ ମାଗିଲା । ମୁଁ ତାକୁ ଦେବାରୁ ସେ ଏହି କୋମଳ ହାତରେ ଧରିଲା । ମୋତେ କହିଲା ମା ମୋ ଅଞ୍ଜଳି ଭରି ଲବଣୀ ଦେ ଆଉ ତୋ ଘରେ ଚୋର ପଶିବନି । ମୁଁ ଖୁସି ହୋଇ ଆଣି ଲବଣୀ ଦେଲି, କି ଅଶ୍ଚର୍ଯ୍ୟର କଥା ତା ହାତ ପୂର୍ଣ୍ଣ ହେଲାନି । ପାଖ ପଡିଶାରୁ ଆଣି ଦେଲେବି ପୂର୍ଣ୍ଣ କରିପାରିଲିନି । ବାଧ ହୋଇ କହିଲି ଏତିକି ଖାଇଥା । ସବୁ ଲବଣୀକୁ ଏକାଥରେ ଖାଇଦେଇ ମୋ ମୁଣ୍ଡରେ ହାତ ବୋଳି ଆନନ୍ଦରେ ଚାଲିଗଲା । ଯଶୋଦା କିନ୍ତୁ ଏହି କଥାରେ ରାଗିଯାଇ କହିଲେ କି କଥା ? ଏତେ ଟିକିଏ ପିଲା ସେ ପୁଣି ଶହେ ନଉତି ଲବଣୀ ନିଅଣ୍ଟ ହେଲା । ହଉ ତୁମେମାନେ ମିଛ କହୁଥିଲେ ସ୍ୱୟଂ ନାରାୟଣ ସାକ୍ଷୀ । ଗୋପୀମାନେ ଲଜ୍ଜିତ ହୋଇ ଫେରିଲେ । ଗୋପୀମାନେ ଫେରି ଯିବାପରେ ଯଶୋଦା କୃଷ୍ଣଙ୍କୁ କୋଳରେ ଧରି ଚୁମ୍ବନ ଦେଇ ପଚାରିଲେ ସତ କହରେ ତୁ କିଏ ? କୃଷ୍ଣ ଦରୋଟି ଭାଷାରେ କହିଲେ ମୁଁ ପଲା ତୁମ ପୁଅ । ଦିନେ ରାମକୃଷ୍ଣ ଦୁଇଭାଇ ଖେଳୁଥିବା ସମୟରେ କୃଷ୍ଣ ମାଟି ଖାଇବାରୁ ବଳରାମ ଯାଇ ମାତାଙ୍କୁ କହିଦେଲେ । ଯଶୋଦା ହାତରେ ଛାଟ ଧରି ଆସି କହିଲେ ସରଲବଣୀ ପାଟିରେ ଦେଲେ ତାକୁ ପକାଇଦେବ ହେଲେ ମାଟି ତାକୁ ଏତେ ଭଲ ଲାଗୁଛି । କାଢ ସେ ମାଟିକୁ ନଚେତ ଏଇ ଛାଟରେ ପିଟି ପକାଇବି । ଏହା କହି ପଣତକାନିରେ ବାନ୍ଧି ପକାଇବାରୁ କୃଷ୍ଣ କହିଲେ, ମା, ଗୋପୀ ଓ ଭାଇ ମୋ ନାମରେ ମିଛ କହୁଛନ୍ତି । ମୁଁ ମାଟି ଖାଇନାହିଁ, ଦେଖୁନୁ ମୋ ପାଟି । ଏହା କହି ପାଟି ବିସ୍ତାର କରିବାରୁ ଯଶୋଦା ସେହି ପାଟି ମଧ୍ୟରେ ସମସ୍ତ ବ୍ରହ୍ମାଣ୍ଡ, ଏପରିକି ସେ ନିଜେ, ଗୋପୀ, ଗୋପାଳ, ଗୋପ, ଗୋଧନ, ବୃନ୍ଦାବନ ସବୁ ଦେଖି ମୂର୍ଚ୍ଛା ଗଲେ । ପରେ ଚେତା ପାଇ କୃଷ୍ଣଙ୍କୁ କୋଳରେ ଜାବୁଡି ଧରି ଭାବିଲେ କେହି କିଛି କରିଛି । ନଚେତ ମୋ ଛୋଟ ପିଲାଟିର ପାଟିରେ ବିଶ୍ୱ ବ୍ରହ୍ମାଣ୍ଡ କିପରି ଦେଖାଯାଆନ୍ତା । ହେ ଚଣ୍ଡିକେ, ମୋ ପୁତ୍ରର କିଛି ଅମଙ୍ଗଳ ନ ହେଉ, ମୁଁ ପୂଜା, ବଳି, ଭୋଗ ସବୁ ଦେବି ।

୯ମ ଅଧ୍ୟାୟ, ଯାମଳାର୍ଜୁନ ଭଞ୍ଜନ-୧

ଦିନେ ଯଶୋଦା ସୁରଙ୍ଗ ପାଟଶାଢୀ ପରିଧାନ କରି ଦଧି ମନ୍ଥନ କରୁଥାନ୍ତି । ଏହି ସମୟରେ କୃଷ୍ଣ ସ୍ତନ୍ୟପାନ କରିବାକୁ ଅଟଳ ହୋଇ ମାତାଙ୍କ ଅଞ୍ଚଳ ଧରି ଟାଣିବାକୁ ଲାଗିଲେ ଏବଂ ଦଧି ମନ୍ଥାଇ ଦେଲେନାହିଁ । ବାଧ ହୋଇ ଯଶୋଦା କୃଷ୍ଣଙ୍କୁ କୋଳକୁ ନେଇ କ୍ଷୀର ଦେଲେ ମାତ୍ର ଚୁଲିରେ ବସିଥିବା କ୍ଷୀର ଉତୁରିବାରୁ ସେ କୃଷ୍ଣଙ୍କୁ ତଳେ ଥୋଇ ଦେଇ ଚୁଲି ନିକଟକୁ ଚାଲିଯିବାରୁ କୃଷ୍ଣଙ୍କର ରାଗ ବଢିଗଲା ଏବଂ ସେ ଶିଳପୁଆରେ ଦଧିଭାଣ୍ଡକୁ ପିଟିଦେବାରୁ ଭାଣ୍ଡଟି ଭାଙ୍ଗିଗଲା । କୃଷ୍ଣ ଗମ୍ଭିରୀ ଭିତର ପଶି ସରଲବଣୀ ଖାଇବାକୁ ଲାଗିଲେ । ଯଶୋଦା ଦଧିଭାଣ୍ଡ ଭାଙ୍ଗି ଯିବାର ଦେଖି ଅତ୍ୟନ୍ତ କୋପାନ୍ୱିତ ହୋଇ କୃଷ୍ଣକୁ ଖୋଜି ଖୋଜି ଯାଇ ଦେଖନ୍ତି ତ ପାଞ୍ଚସାତ ବିଲେଇ ସହ ଲବଣୀ ଖାଉଛନ୍ତି । ଯଶୋଦାଙ୍କୁ ଦେଖି ସେଠାରୁ କୃଷ୍ଣ ଚମ୍ପଟ ମାରିଲେ । ମାତା ଧରିବାକୁ ଦୌଡୁଥାନ୍ତି ମାତ୍ର ଧରୁ ଧରୁ ଖସି ଯାଉଥାନ୍ତି । ଯାହାକୁ ଧରିବାକୁ ସାରା ଜଗତର ସାଧୁସନ୍ଥ ଯୁଗଯୁଗ ଧରି ତପସ୍ୟା କରି ପାଇ ନାହାନ୍ତି ସେ ବା କାହୁଁ ଧରାଦେବ । ମାତାଙ୍କର କଷ୍ଟ ଦେଖି କୃଷ୍ଣ ଆଉ ନ ଦୌଡି ଛିଡା ହେବାରୁ ଯଶୋଦା ଧରି ପକାଇ ମାରିବାକୁ ଉଦ୍ୟତ ହୁଅନ୍ତେ କୃଷ୍ଣ କାନ୍ଦି ପକାଇବାରୁ ଯଶୋଦା ଛାଟ ପକାଇ ଦେଇ କହିଲେ, ତୁ ସବୁ ଦଧି ନଷ୍ଟ କରିଦେଇଛୁ । ଆଜି ତୋତେ ବାନ୍ଧିଦେଇ ଘରର ସବୁକାମ କରିବି କହି ଦଉଡିରେ ବାନ୍ଧିବାକୁ ଚେଷ୍ଟାକଲେ ମଧ୍ୟ ଦଉଡି ଦୁଇ ଆଙ୍ଗୁଳି କମ ପଡିଲା । କ୍ରମେ ପୁରର ସମସ୍ତ ଦଉଡି ଯୋଡି ମଧ୍ୟ ସେହି ଦୁଇ ଅଙ୍ଗୁଳ ନିଅଣ୍ଟକୁ ଭରି ପାରିଲେନି । ଗୋପୀମାନେ ମାତାପୁତ୍ରର ଏ ରହସ୍ୟ ଦେଖି ହସିବା ସହ କହିଲେ ଦେଖ ରାଜରାଣୀ ହୋଇ ମଧ୍ୟ ଛୋଟ ପୁଅଟାକୁ ବାନ୍ଧିବାକୁ ଦଉଡି ଅଣ୍ଟୁନି । ମାତାଙ୍କ ବିବସତା ଦେଖି କୃଷ୍ଣ ଦୁଇ ହାତ ବଢାଇଦେଇ କହିଲେ ବାନ୍ଧ । ଏଥର ମାତା ଯଶୋଦା ବାନ୍ଧିବାକୁ ସକ୍ଷମ ହେଲେ ଏବଂ ବନ୍ଧା ଯାଇଥିବା ଦଉଡି ସହ କୃଷ୍ଣଙ୍କୁ ନେଇ ନିଜ ଅଗଣାରେ ଥିବା ଦୁଇ ଅଭିଶପ୍ତ କୁବେର ପୁତ୍ର ନଳକୁବେର ଓ ମଣିଗ୍ରୀବଙ୍କ ରୂପାନ୍ତର ଦୁଇ ଜାମଳାର୍ଜୁନ ବୃକ୍ଷରେ ବାନ୍ଧି ପକାଇଲେ ।

୧୦ମ ଅଧ୍ୟାୟ, ଯାମଳା ଅର୍ଜୁନ ଭଞ୍ଜନ- ୨

ରାଜା ପରୀକ୍ଷିତ ଏହି ଦୁଇ ଅଭିଶପ୍ତ ପୁତ୍ରଙ୍କ ବିଷୟରେ ଜାଣିବାକୁ ଚାହିଁବାରୁ ଶ୍ରୀଶୁକଦେବ କହିଲେ, କୁବେର ପୁତ୍ର ଦ୍ୱୟ ତପସ୍ୟାରେ ଶିବଙ୍କୁ ପ୍ରସନ୍ନ କରି ଏକଶତ ଯକ୍ଷ ଓ ଅପସରାଙ୍କ ସହ ବିହାର କରିବାକୁ ବର ପାଇଥିଲେ । ଫଳରେ ସେମାନେ ବାରୁଣୀ ମଦ୍ୟପାନ କରି ଏକଦା ଗଙ୍ଗାନଦୀରେ ଅପସରାଙ୍କ ସହ ବିହାର କରୁଥିବା ସମୟରେ ଦେବର୍ଷି ସେହି ମାର୍ଗରେ ଯିବାରୁ ତାଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କଲେନାହିଁ । ଦେବର୍ଷି ଏଥିରେ କ୍ରୋଧିତ ହୋଇ ସେହି ଭ୍ରାତୃଦ୍ୱୟଙ୍କୁ ଅଭିଶାପ ଦେଲେ ଯେ ଶହେ ବର୍ଷ ସେମାନେ ବୃକ୍ଷରୁପ ପାଇବେ ଫଳରେ ଦେହସୁଖ ପାଇବେ ନାହିଁ ଏବଂ ଶେଷରେ ଭଗବାନ କୃଷ୍ଣଙ୍କ ଶ୍ରୀମୁଖ ଚାହିଁ ଶାପମୁକ୍ତ ହେବେ । ସେହି ବୃକ୍ଷରେ ଯଶୋଦା କୃଷ୍ଣଙ୍କୁ ବାନ୍ଧି ଦେବାରୁ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ହାତ ସ୍ପର୍ଶ ପାଇ ଘୋର ନାଦ କରି ଟଳି ପଡିଲେ ଏବଂ ସେଥିରୁ ଦୁଇ ଭାଇ ନିଜ ସ୍ୱରୂପ ଧରି ପ୍ରକାଶିତ ହୋଇ ଭଗବାନଙ୍କୁ ପ୍ରଣିପାତ ପୂର୍ବକ ସ୍ତୁତିପାଠକରି ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କଲେ ।

୧୧ଶ ଅଧ୍ୟାୟ, ଗୋକୁଳରୁ ବୃନ୍ଦାବନ ଯାତ୍ରା ତଥା ବତ୍ସାସୁର ଓ ବକାସୁର ବଧ

ଅର୍ଜୁନ ବୃକ୍ଷ ଉପୁଡି ପଡିବାରୁ ସମସ୍ତେ ସେଠାକୁ ଦୌଡି ଆସି ଆଶ୍ଚର୍ଯ୍ୟ ହେଲେ ଯେ ବିନା ବାତ୍ୟାରେ କି ବିନା ଅସ୍ତ୍ରରେ ଏତେ ବଡ ବୃକ୍ଷ ଟଳିପଡିଲା କିପରି ? ଗୋପବାଳକମାନେ କହିଲେ ମାତା ଯଶୋଦା କୃଷ୍ଣଙ୍କୁ ବାନ୍ଧି ଦେଇ ଯିବାପରେ କୃଷ୍ଣଙ୍କ ସ୍ପର୍ଶ ପାଇ ଏହି ବୃକ୍ଷ ଟଳିପଡିଲା ଏବଂ ଦୁଇ ଜଣ ଦିବ୍ୟ ପୁରୁଷ ବାହାରି କୃଷ୍ଣଙ୍କୁ ପ୍ରଣତି ଜଣାଇ ଅନ୍ତର୍ଦ୍ଧାନ ହୋଇଗଲେ । ନନ୍ଦ ଦୌଡିଯାଇ କୃଷ୍ଣଙ୍କ ବନ୍ଧନ ଉନ୍ମୁକ୍ତ କରି କୋଲରେ ଧରି ଆଉଁସି ଦେଲେ ଏବଂ ରିଷ୍ଟ ଶାନ୍ତି ପାଇଁ ଅନୁଷ୍ଠାନ କରିବା ସହ ଧନରତ୍ନାଦି ଦାନକଲେ । ଭଗବାନ କୃଷ୍ଣ ବାଲ୍ୟ ଲୀଳା ସହ ଲୋକଶିକ୍ଷା ପ୍ରଦାନ କରୁଥାନ୍ତି । ଜାତିପ୍ରଥାକୁ ମାନୁ ନଥିବା ଭଗବାନ ଦିନେ ଜଣେ କୋଳିବିକାଳିକୁ ଆଞ୍ଜୁଳାଏ ଧାନ ବିନିମୟରେ ଟୋକେଏ କୋଳି ଆଣିଲେ ଏବଂ ତା କୋଳରେ ବସି ତାକୁ ପରମାନନ୍ଦର ସୁଖ ପ୍ରଦାନ କଲେ । ସେହି କୋଳିବିକାଳି ଆଞ୍ଜୁଳାଏ ଧାନ ନେଇ ଘରେ ଦେଖେତ ତାର ପସରା ରତ୍ନରେ ପୂର୍ଣ୍ଣ ହୋଇଯାଇଛି । ପୁତ୍ର ଉପରେ ବାରମ୍ବାର ବିପତ୍ତି ଆସୁଥିବାରୁ ନନ୍ଦ ଯଶୋଦା ପୁତ୍ରକୁ ଘେନି ଗୋପପୁର ଛାଡି ବୃନ୍ଦାବନରେ ବାସକଲେ । ସେଠାରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବରେ ପ୍ରକୃତି ମନୋରମ ରୂପଧାରଣ କଲା । ଅବସନ୍ତରେ ମଳୟ ବହିବା ସହ ଗଛଲତା ଫଳପୁଷ୍ପରେ ପୂର୍ଣ୍ଣ ହେଲା ଏବଂ ନାନା ଜାତିର ପକ୍ଷୀମାନଙ୍କର କାକଳୀରେ ମୁଖରିତ ହେଲା । ରାମକୃଷ୍ଣ ଦୁଇଭାଇ ବୃନ୍ଦାବନ, ଗୋବର୍ଦ୍ଧନ ଗିରି ଓ ଯମୁନାକୁ ଦେଖି ଆନନ୍ଦିତ ହେବା ସହ ସାଥୀମାନଙ୍କ ସହ କ୍ରୀଡାରେ ଲିପ୍ତହେଲେ । ଦିନେ କୃଷ୍ଣ ସାଥୀମାନଙ୍କ ସହ ବତ୍ସା ଚରାଉଥିବା ବେଳେ କଂସ ଆଜ୍ଞାରେ ବତ୍ସାସୁର ନାମକ ରାକ୍ଷସ ମାୟା ବତ୍ସା ରୂପନେଇ ଗୋଗୋଷ୍ଠରେ ମିଶିଯାଇ ଖେଳିଖେଳି ରାମକୃଷ୍ଣଙ୍କ ନିକଟତର ହେଲା । ଉଦ୍ଦେଶ୍ୟ ଥିଲା ରାମକୃଷ୍ଣଙ୍କୁ କୌଶଳରେ ଧରିନେଇ ହତ୍ୟା କରିବ । ଭଗବାନ କୃଷ୍ଣ ଏକଥା ଜାଣିପାରି ବଳରାମଙ୍କୁ ଇଙ୍ଗିତରେ ଜଣାଇଦେଲେ । ସାଥୀମାନେ ବଳରାମଙ୍କୁ କହିଲେ ତାଙ୍କ ସମ୍ମୁଖରେ ଥିବା କଇଥ ଗଛ ଚଢି କଇଥ ତୋଳିବାକୁ । ମାତ୍ର ବଳରାମ ଯିବା ପୂର୍ବରୁ କୃଷ୍ଣ କଇଥ ତୋଳିବା ବାହାନାରେ ଯାଇ କଇଥ ଗଛ ମୂଳରେ ଚରୁଥିବା ବତ୍ସାସୁରର ଲାଞ୍ଜକୁ ଧରି ତାକୁ ଶୂନ୍ୟରେ ବୁଲାଇ ବୁଲାଇ କଇଥ ଗଛରେ ପିଟି ଦେବାରୁ ତା ପ୍ରାଣ ଛାଡିଗଲା । ମାୟାବୀ ଅସୁରର ଶରୀର ମାଡରେ କଇଥ ଗଛ ଭାଙ୍ଗି ପଡିଲା । ଦେବତାମାନେ ପୁଷ୍ପ ବୃଷ୍ଟି କଲେ ତ ଗୋପବାଳକମାନେ ଖୁସିରେ କୃଷ୍ଣକୁ କୁଣ୍ଢାଇ ଧରିଲେ ଏବଂ ପାଟିଲା କଇଥ ସଂଗ୍ରହ କଲେ । ସେହିଭଳି ଆଉ ଦିନେ କଂସର ମିତ୍ର ବକାସୁର ବିରାଟ ବକର ରୂପ ଧାରଣ କରି ଯମୁନା ନଦୀ ତୀରରେ ଧୀରେ ଧୀରେ ଚାଲିଲା ଏବଂ କୃଷ୍ଣ ବଳରାମକୁ ମାରିବାକୁ ଛକି ରହିଲା । ଗୋପ ବାଳକମାନେ ଏଭଳି ବିରାଟ ବକ ଦେଖି ନଥିବାରୁ ଆଶ୍ଚର୍ଯ୍ୟ ହେଲେ ଏବଂ ଭୟକଲେ । ଚାହୁଁ ଚାହୁଁ ସେହି ଭିଷଣାକୃତି ବକଟି ଦୌଡି ଆସି କୃଷ୍ଣଙ୍କୁ ଗିଳି ପକାଇଲା । ଗୋପବାଳକମାନେ କୃଷ୍ଣଙ୍କ ଅବସ୍ଥା ଦେଖି କାନ୍ଦିବାକୁ ଲାଗିଲେ । ବକ ଭଗବାନ କୃଷ୍ଣକୁ ଗିଳି ଦେଇଥିଲେ ହେଁ ତା ଗ୍ରୀବା ଦେଶରେ ଅଗ୍ନିର ପ୍ରବାହ ଅନୁଭବ କରିବାରୁ କୃଷ୍ଣଙ୍କୁ ଉଦଗାରୀ ପକାଇ ଥଣ୍ଟରେ ଆଘାତ କରିବାକୁ ଚେଷ୍ଟାକଲା । ମାତ୍ର ଭଗବାନ ତାର ଥଣ୍ଟକୁ ଧରି ପକାଇ ଅନାୟାସରେ ଦୁଇଫାଳ କରି ଚିରି ଦେବାରୁ ତାର ପ୍ରାଣବାୟୁ ଉଡିଯାଇ ଗୋବିନ୍ଦଙ୍କ ସହ ମିଶିଗଲା । ଦେବତାମାନେ ପୁଷ୍ପ ବୃଷ୍ଟି କରିବା ସହ ଗୋପବାଳକମାନେ ଆନନ୍ଦରେ କୃଷ୍ଣ ବଳରାମଙ୍କୁ ଦରି ଚାଟିବାକୁ ଲାଗିଲେ ।

୧୨ଶ ଅଧ୍ୟାୟ, ଅଘାସୁର ଉଦ୍ଧାର

ଭଗବାନ ଶ୍ରୀକୃଷ୍ଣଙ୍କ ଧରାବତରଣ ଥିଲା ଅସୁର ନିଧନ ସହ ଧର୍ମର ସଂରକ୍ଷଣ । ଏକଦା ସେ ବତ୍ସା ପାଳନ ପାଇଁ ଗୋପବାଳକମାନଙ୍କ ସହ ରାତ୍ର ଥାଉଁ ଥାଉଁ ବାହାରିଗଲେ । ମଧ୍ୟାହ୍ନ ଭୋଜନ ନିମିତ୍ତ ସମସ୍ତେ ଘରୁ ଖାଦ୍ୟ ପୁଡିଆ ନେଇଥାଆନ୍ତି । ବଣରେ ଥିବା ନଦୀ କୂଳରେ ବତ୍ସାମାନଙ୍କୁ ଚରିବାକୁ ଛାଡିଦେଇ ସମସ୍ତ ଗୋପାଳ ଶିଙ୍ଗା, ବେଣୁ, କାହାଳୀ ବଜାଇ ରାମକୃଷ୍ଣଙ୍କୁ ଘେରି ଗୋପାଳମାନେ ନୃତ୍ୟ କରୁଥାନ୍ତି । କୃଷ୍ଣ ମଧ୍ୟ ନିଜକୁ ମୟୂର ପୁଚ୍ଛ, ବିଭିନ୍ନ ପୁଷ୍ପମାଳରେ ନିଜକୁ ସଜ୍ଜିତ କରି ନାଚୁଥାନ୍ତି । ଏହି ଅପୂର୍ବ ଲୀଳାରେ ଭାଗ ନେବା ପାଇଁ ବନର ପଶୁପକ୍ଷୀଗଣ ମଧ୍ୟ ଉତ୍ସାହିତ ହୋଇ ତାଙ୍କୁ ଘେରି ରହିଥାନ୍ତି । ସାରା ଜଗତ ସେହି ପରମାନନ୍ଦରେ ସତେ ଯେପରି ତଲ୍ଲୀନ ହୋଇଯାଉଥାଏ । ଏହି ସମୟରେ କଂସର ଅନ୍ୟତମ ମିତ୍ର ଅଘାସୁର ଲୁଚି ଲୁଚି ଆସି ବୃକ୍ଷ ଡାଳରେ ବସି ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରି କୌଶଳରେ ହତ୍ୟାକରି ଭଗ୍ନୀ ପୁତନା ଓ ଦୁଇ ଭାଇ ହତ୍ୟାର ପ୍ରତିଶୋଧ ନେବ ବୋଲି ବିଚାରିଲା । ସେ ଜଣେ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ରାକ୍ଷସ ଥିଲା । ତାର ପରାକ୍ରମରେ ବ୍ରହ୍ମା ଇନ୍ଦ୍ର ମଧ୍ୟ ଥରହର ହୁଅନ୍ତି । ସେହି ଅଘାସୁର ନିଜକୁ ଗୋଟାଏ ବିରାଟ ଅଜଗର ସର୍ପର ରୂପରେ ରୂପାନ୍ତର ହେଲା । ତାର ଶରୀର ଦୁଇ ଯୋଜନ ପର୍ଯ୍ୟନ୍ତ ବ୍ୟାପିଗଲା ଏବଂ ସେ ମୁହଁ ବ୍ୟାଦନ କରି ପ୍ରଖର ନିଃଶ୍ୱାସ ଦ୍ୱାରା ଗୋପବାଳକ ଓ ବତ୍ସାଗଣଙ୍କୁ ଟାଣିନେଇ ଗିଳି ପକାଇଲା । ବାଳକମାନେ ପ୍ରଥମେ କିଛି ଜାଣିନପାରିଲେ ମଧ୍ୟ ଆମିଷ ଗନ୍ଧରେ ଜାଣିପାରିଲେ ଯେ ସେମାନେ ସର୍ପ ମୁଖରେ ପଶିଯାଇଛନ୍ତି । ସେମାନେ ପ୍ରାଣ ବିକଳରେ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରଙ୍ଗ

ଆରୋପ ଦ୍ୱାରା ପରିବର୍ତ୍ତନ ସମ୍ଭବ କି ?

ଶ୍ୱେତା ରାଉତ୍

କାହା ଉପରେ ବାରମ୍ବାର ଆରୋପ କରିବା ଦ୍ୱାରା କେବେ ମଧ୍ୟ ପରିବର୍ତ୍ତନ ସମ୍ଭବ ହୋଇନଥାଏ ବରଂ ଜିଦିଖୋର୍ ମନୋଭାବ ଆସିଥାଏ । ଜଣେ ବ୍ୟକ୍ତିଙ୍କୁ ବାରମ୍ବାର ଖରାପ, ଖରାପ କହି ସମାଲୋଚନା କଲେ, ତା ବିଷୟରେ ସବୁଆଡେ କହି ବୁଲିଲେ, ନିନ୍ଦା କଲେ, ଅପମାନ କଲେ ସେ କେବେ ବି ଖରାପରୁ ଭଲ ହୋଇନଥାଏ କି ସୁଧୁରି ନଥାଏ । ନିନ୍ଦା ବା ଆରୋପ କରି ନିଜକୁ ଅଧିକା କିଛି ଲାଭ ବି ମିଳିନଥାଏ ବରଂ ଅନେକଙ୍କ ଶତ୍ରୁ ହେବାକୁ ପଡେ । ଏବେ ସମାଜ ଓ ସମୟ ଏତେ ପ୍ରତିକୂଳତା ଦେଇ ଗତି କରୁଛି ଯେ ମଣିଷ ନିଜ ଜୀବନରେ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରୁଛି । କାହାର ପ୍ରଚୁର ଧନ ଅଛି କିନ୍ତୁ ମେଡିକାଲ ଦୌଡ଼ି ଦୌଡ଼ି ଦିନ ଯାଉଛି, କାହାର ପିଲା ବହୁତ ଭଲ ପାଠ ପଢୁଛି କିନ୍ତୁ ପଢ଼ାଇବାକୁ ପାଖରେ ଅର୍ଥ ନାହିଁ, କାହାର ଧନ ସମ୍ପତ୍ତି ଅଛି, ପିଲାମାନେ ଭଲ କିନ୍ତୁ ସ୍ୱାମୀ, ସ୍ତ୍ରୀ ଭିତରେ ପଡୁନାହିଁ, ପାରିବାରିକ ସମସ୍ୟା ବିଚଳିତ କରୁଛି, କାହାର ପେଟ ପାଇଁ ମୁଠେ ଦାନା ନାହିଁ, କାହାର ନିଜ ପିଲାମାନେ ବାପା ମାଆଙ୍କୁ ନିର୍ଯ୍ୟାତନା ଦେଉଛନ୍ତି ।ଏତେ ସବୁ କଷ୍ଟ ସତ୍ତ୍ୱେ ଜୀବନ ବିତାଉଥିବା ମଣିଷ ଅନ୍ୟ ବିଷୟରେ ଭାବିବାକୁ, ସମାଲୋଚନା କରିବାକୁ କୋଉଠୁ ସମୟ ପାଇବେ ? ତଥାପି ନିଜ ଗୋଦର ଗୋଡ଼ ନଦେଖି କିଛି ଲୋକ ଅନ୍ୟର ଗୋଡ଼ ଟାଣନ୍ତି । କିଛି ଲୋକ ନିନ୍ଦା କରିବାକୁ ଭଲ ପାଆନ୍ତି, କିଛି ଲୋକ ନିଜକୁ ଶ୍ରେଷ୍ଠ ବିବେଚନା କରିବାକୁ ଯାଇ ଇର୍ଷାରେ ଅନ୍ୟକୁ ନିଚା ଦେଖାଇଥାନ୍ତି ।

ଏହି ମୁଁ ମୁଁ ର ଅହଙ୍କାର ମଣିଷର ପତନର କାରଣ ହୁଏ ।ସେ ନିଜକୁ ଶ୍ରେଷ୍ଠ, ଗୁଣୀ, ଜ୍ଞାନୀ ଦେଖାଇବା ନିଶାରେ ଅନ୍ୟର ତ୍ରୁଟି ଖୋଜିବାରେ ସଦା ଚେଷ୍ଟିତ ଥାଏ, ଅନ୍ୟର ଦୂର୍ଗୁଣ ଗାଇବୁଲେ, ନିନ୍ଦା କରେ, ସମାଲୋଚନା କରେ, ଅନ୍ୟ ପ୍ରତି ସର୍ବଦା ନଜର ରହୁଥିବା ବେଳେ ନିଜ ଭିତରେ ଥିବା ଭଲ ଗୁଣ ଗୁଡ଼ିକର ମୃତ୍ୟୁ ହୋଇଯାଇଥାଏ ସେ ନିଜେ ଜାଣି ପାରେନାହିଁ ।

ସେ ବାସ୍ତବରେ ଆମେ କଣ ଚାହେଁ ? ଆମ ଅନୁରୂପ ବ୍ୟକ୍ତି ନା ଆମ ଅନୁରୂପ ସମାଜ ? ଆଉ କାହାକୁ ବି ଆମର ସ୍ୱଭାବ, ସଂସ୍କାର, ବ୍ୟବହାର ଖରାପ ଲାଗୁଥାଇପାରେ, ଆମେ କଣ ଅନ୍ୟ ପାଇଁ ଅନ୍ୟ ଅନୁରୂପ ନିଜକୁ ବଦଳାଇ ପାରୁଛେ ? ତେବେ ଆମେ କାହିଁକି ଆଶା ରଖିବା ସମସ୍ତେ ଆମ ଅନୁରୂପ ହୁଅନ୍ତୁ, ଯେମିତି ଆମକୁ ଭଲ ଲାଗିବ । ଆମେ କାହିଁକି କାହାର ସ୍ୱଭାବ, ସଂସ୍କାରକୁ ସମାଲୋଚନା କରିବା ଯେତେବେଳେ ନିଜ ସ୍ୱଭାବ ସଂସ୍କାରକୁ ଆମେ ନିଜ ନିୟନ୍ତ୍ରଣରେ ରଖି ପାରନ୍ତିନି । ଯିଏ ଯେଭଳି ହେଲା ସେଇଟା ତା'ର ସଂସ୍କାର, ଈଶ୍ୱର ତାର କର୍ମ ଅନୁସାରେ ତା ପ୍ରତି ନ୍ୟାୟ କରିବେ, ଆମେ ଈଶ୍ୱର ନୁହନ୍ତି କି ସମାଜକୁ ସମାଲୋଚନା କରି ପରିବର୍ତ୍ତନ କରାଇ ପାରିବାନାହିଁ ।ତେଣୁ ଅନ୍ୟକୁ ସବୁବେଳେ ଆକ୍ଷେପ ନକରି ବରଂ ଶାନ୍ତିର ସହ ଆଲୋଚନା ମାଧ୍ୟମରେ, ନିଜର ଭାବ, ଆଗ୍ରହ, ଅଭିଯୋଗ ପ୍ରକଟ କରି ପାରିବା । କଳି, ଆରୋପ, ଆକ୍ଷେପ କେବଳ ବିଷମ ପରିସ୍ଥିତି ସୃଷ୍ଟି କରେ, ପରିବର୍ତ୍ତନ ଆଣେ ନାହିଁ । ବାସ୍ତବରେ ଆମକୁ ଯଦି ପରିବର୍ତ୍ତନ ଦରକାର, ତେବେ ନିଜର ବିଚାରକୁ ପ୍ରଥମେ ପରିବର୍ତ୍ତନ କରି ଆକ୍ରୋଶରୁ ଆନନ୍ଦର ଦିଗ ପ୍ରତି ଅଗ୍ରସର ହେବା ଯଥାର୍ଥ ହେବ ।

+ ରାଉତ କଲ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ସ୍ୱାସ୍ଥ୍ୟ ପାଇଁ ଶାଗ କେତେ ଉପକାରୀ ତାହା ଅନେକ ଜାଣନ୍ତି । ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍ ବ୍ୟତୀତ ଭିଟାମିନ୍-ଏ, ସି ଏବଂ ଇ ଆଦି ଭରି ରହିଛି । ଯଦି ଜଣେ ବ୍ୟକ୍ତି ନିୟମିତ ଶାଗ ଖାଆନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି । 'ଶାଗ ଏବଂ ଓଜନ ନିୟନ୍ତ୍ରଣ' ବିଷୟରେ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ଏକଥା ଜାଣିପାରିଛନ୍ତି । କେବଳ ସେତିକି ନୁହେଁ, ଶାଗରେ ଥିବା ଭିଟାମିନ୍-ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ । ତା'ସହ ଦୃଷ୍ଟି ଶକ୍ତି ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ । ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସଙ୍କଟରେ ବାଲ୍ୟକାଳ: ଜାତିସଂଘ ରିପୋର୍ଟର ଭୟାବହ ଚିତ୍ର

ଜାତିସଂଘ ସୁରକ୍ଷା ପରିଷଦର ଶିଶୁ ଏବଂ ସଶସ୍ତ୍ର ସଂଘର୍ଷ ଉପରେ ବାର୍ଷିକ ରିପୋର୍ଟ ("ସଶସ୍ତ୍ର ସଂଘର୍ଷରେ ଶିଶୁ: ମହାସଚିବଙ୍କ ପ୍ରତିବେଦନ") ବିଶ୍ୱର ବିବେକକୁ ଏକ ଶକ୍ତ ଆଘାତ ଦେଇଛି। ଏହି ରିପୋର୍ଟ କେବଳ କିଛି ସଂଖ୍ୟା ଏବଂ ତଥ୍ୟର ସମାହାର ନୁହେଁ, ବରଂ ଏହା ଯୁଦ୍ଧର କରାଳ ଛାୟାରେ ଛଟପଟ ହେଉଥିବା ଲକ୍ଷ ଲକ୍ଷ ନିରୀହ ଶିଶୁଙ୍କ ହୃଦୟ ବିଦାରକ ଚିତ୍କାରର ପ୍ରତିଧ୍ୱନି। ୨୦୨୪ ମସିହାରେ ସଶସ୍ତ୍ର ସଂଘର୍ଷରେ ଶିଶୁମାନଙ୍କ ଉପରେ ହୋଇଥିବା ହିଂସା ସମସ୍ତ ପୂର୍ବ ରେକର୍ଡ ଭାଙ୍ଗି ଅଭୂତପୂର୍ବ ସ୍ତରରେ ପହଞ୍ଚିଛି, ଯାହା ମାନବତାର ମୁଣ୍ଡ ନୁଆଁଇ ଦେଇଛି।

ଏହି ରିପୋର୍ଟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଯୁଦ୍ଧର ସବୁଠାରୁ ବଡ଼ ଶିକାର ହେଉଛନ୍ତି ଶିଶୁମାନେ। ସେମାନେ କେବଳ ନିଜ ଘରଦ୍ୱାର ହରାଉ ନାହାନ୍ତି, ବରଂ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ନିଜର ନିରୀହ ବାଲ୍ୟକାଳକୁ ହରାଉଛନ୍ତି। ୨୦୨୪ ମସିହାରେ ୨୨,୪୯୫ରୁ ଅଧିକ ଶିଶୁ ସଂଘର୍ଷ ପ୍ରଭାବିତ ଅଞ୍ଚଳରେ ଗୁରୁତର ଉଲ୍ଲଂଘନର ଶିକାର ହୋଇଛନ୍ତି, ଯାହା ଏକ ଭୟଙ୍କର ବାସ୍ତବତା। ପ୍ରତ୍ୟେକ ସଂଖ୍ୟା ପଛରେ ଏକ ଶିଶୁର ଭଙ୍ଗା ସ୍ୱପ୍ନ, ହଜିଯାଇଥିବା ହସ ଏବଂ ଅସହ୍ୟ ଯନ୍ତ୍ରଣାର କାହାଣୀ ଲୁଚି ରହିଛି। ଜାତିସଂଘ ଦ୍ୱାରା ୨୦୨୪ରେ ମୋଟ ୪୧,୩୭୦ ଗୁରୁତର ଉଲ୍ଲଂଘନର ସତ୍ୟାପନ କରାଯାଇଛି, ଯାହା ୨୦୨୩ ତୁଳନାରେ ୨୫ ପ୍ରତିଶତ ଅଧିକ। ୨୦୨୩ ମଧ୍ୟ ଏକ ରେକର୍ଡ ବର୍ଷ ଥିଲା, କିନ୍ତୁ ୨୦୨୪ ତାହାକୁ ମଧ୍ୟ ଅତିକ୍ରମ କରିଯାଇଛି। ଏହି ଉଲ୍ଲଂଘନଗୁଡ଼ିକ ମଧ୍ୟରେ ଶିଶୁମାନଙ୍କୁ ହତ୍ୟା କରିବା, ଅଙ୍ଗହାନି କରିବା, ସୈନିକ ଭାବରେ ନିଯୁକ୍ତ କରିବା, ଯୌନ ଶୋଷଣ କରିବା, ଅପହରଣ କରିବା, ମାନବୀୟ ସହାୟତା ପାଇବାରୁ ବଞ୍ଚିତ କରିବା ଏବଂ ସ୍କୁଲ ଓ ହସ୍ପିଟାଲ ଉପରେ ଆକ୍ରମଣ କରିବା ଭଳି ଘୃଣ୍ୟ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହି ସମସ୍ତ କାର୍ଯ୍ୟ ଅନ୍ତର୍ଜାତୀୟ ମାନବତାବାଦୀ ଆଇନର ଖୋଲାଖୋଲି ଉଲ୍ଲଂଘନ। ୨୦୨୩ ଶେଷ ସୁଦ୍ଧା ୪୭.୨ ନିୟୁତ ଶିଶୁ ସଂଘର୍ଷ ଏବଂ ହିଂସା ଯୋଗୁଁ ବିସ୍ଥାପିତ ହୋଇଥିଲେ, ଏବଂ ୨୦୨୪ରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଥିବା ସୂଚନା ମିଳିଛି। ସର୍ବାଧିକ ଗୁରୁତର ଉଲ୍ଲଂଘନ ଇସ୍ରାଏଲ ଏବଂ ଅଧିକୃତ ପାଲେଷ୍ଟାଇନ ଅଞ୍ଚଳ (୮,୫୫୪), କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (୪,୦୪୩), ସୋମାଲିଆ (୨,୫୬୮), ନାଇଜେରିଆ (୨,୪୩୬) ଏବଂ ହାଇତି (୨,୨୬୯) ରେ ସତ୍ୟାପିତ ହୋଇଛି। ଉଲ୍ଲଂଘନ ସଂଖ୍ୟାରେ ସର୍ବାଧିକ ପ୍ରତିଶତ ବୃଦ୍ଧି ଲେବାନନ (୫୪୫%), ମୋଜାମ୍ବିକ (୫୨୫%), ହାଇତି (୪୯୦%), ଇଥିଓପିଆ (୨୩୫%) ଏବଂ ୟୁକ୍ରେନ (୧୦୫%)ରେ ନିଶ୍ଚିତ ହୋଇଛି।

ଗାଜାରେ ଇସ୍ରାଏଲର ନିର୍ମମ ଆକ୍ରମଣ ଶିଶୁମାନଙ୍କ ଉପରେ ଯେଉଁ ଭୟଙ୍କର ପ୍ରଭାବ ପକାଇଛି, ତାହା ମାନବିକତାର ସମସ୍ତ ସୀମା ଲଙ୍ଘନ କରିଛି। ୟୁନିସେଫ୍ (**UNICEF**), ଜାତିସଂଘ ମାନବିକ ସହାୟତା ସମନ୍ୱୟ କାର୍ଯ୍ୟାଳୟ (**OCHA**) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (**WHO**) ର ତଥ୍ୟ ଏକ ଭୟଙ୍କର ଚିତ୍ର ଉପସ୍ଥାପନ କରୁଛି। କେବଳ ଅକ୍ଟୋବର ୨୦୨୩ରୁ ମେ ୨୦୨୪ ମଧ୍ୟରେ ଗାଜାରେ ୧୬,୨୭୮ ଶିଶୁଙ୍କ ମୃତ୍ୟୁ ହୋଇଥିବା ଗାଜା ମୋଏଚ୍ (**MoH**) ରିପୋର୍ଟ କରିଛି। ଜାତିସଂଘ ମାନବିକ ସହାୟତା ସମନ୍ୱୟ କାର୍ଯ୍ୟାଳୟ ରିପୋର୍ଟ ଅନୁଯାୟୀ, ଗାଜା ଷ୍ଟ୍ରିପର ୮୬ ପ୍ରତିଶତରୁ ଅଧିକ ଅଞ୍ଚଳ ବିସ୍ଥାପନ ଆଦେଶର ଅଧୀନରେ ରହିଛି, ଯେଉଁଥିରେ ୨୦୨୪ ଜାନୁଆରୀ ୧ରୁ ୪୦ରୁ ଅଧିକ ନୂତନ ଆଦେଶ ଜାରି କରାଯାଇଛି। ଏହି ବିସ୍ଥାପନ ଶିଶୁମାନଙ୍କୁ ସେମାନଙ୍କ ଘର, ବିଦ୍ୟାଳୟ ଏବଂ ସାଧାରଣ ଜୀବନରୁ ବଞ୍ଚିତ କରୁଛି, ଯାହା ସେମାନଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରିଦେଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ପରିସ୍ଥିତି ଅତ୍ୟନ୍ତ ଭୟାବହ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (**WHO**) ଏବଂ ୟୁନିସେଫ୍ ରିପୋର୍ଟ ଅନୁଯାୟୀ, ଗାଜାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଛି। ୨୦୨୨ରେ ଗାଜାରେ ୫ ବର୍ଷରୁ କମ୍ ଶିଶୁଙ୍କ ମଧ୍ୟରୁ ମାତ୍ର ୦.୮% ତୀବ୍ର ପୁଷ୍ଟିହୀନତାର ଶିକାର ହୋଇଥିବାବେଳେ, ବର୍ତ୍ତମାନ ଏହି ସଂଖ୍ୟା ବହୁଗୁଣିତ ହୋଇଛି। ଗାଜାର ପ୍ରାୟ ୧.୨ ନିୟୁତ ଶିଶୁଙ୍କୁ ମାନସିକ ସ୍ୱାସ୍ଥ୍ୟ ଏବଂ ମନୋସାମାଜିକ ସହାୟତା ଆବଶ୍ୟକ, ଯାହା ସେମାନଙ୍କ ଉପରେ ଯୁଦ୍ଧର ଗଭୀର ମାନସିକ ପ୍ରଭାବକୁ ଦର୍ଶାଉଛି।

ଜାତିସଂଘ ସୁରକ୍ଷା ପରିଷଦ ଏହି ରିପୋର୍ଟକୁ ଗମ୍ଭୀରତାର ସହ ନେବା ଉଚିତ୍। କେବଳ ରିପୋର୍ଟ ପ୍ରକାଶ କରିଦେଲେ କିମ୍ବା ନିନ୍ଦା କରିଦେଲେ କାର୍ଯ୍ୟ ଶେଷ ହୋଇଯିବ ନାହିଁ। ଏହି ରିପୋର୍ଟରେ ଉଲ୍ଲେଖିତ ତଥ୍ୟଗୁଡ଼ିକ ବିଶ୍ୱ ସମୁଦାୟ ପାଇଁ ଏକ ଜରୁରୀକାଳୀନ ଆହ୍ୱାନ। ଯେଉଁ ଦେଶମାନେ ଏହି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଅଛନ୍ତି, ସେମାନଙ୍କୁ ଜବାବଦେହୀ କରାଯିବା ଆବଶ୍ୟକ। ଅନ୍ତର୍ଜାତୀୟ ଅଦାଲତରେ ଏହି ଅପରାଧୀମାନଙ୍କୁ ବିଚାର କରାଯିବା ଉଚିତ୍। ଶିଶୁମାନଙ୍କ ସୁରକ୍ଷା ପାଇଁ କଠୋର ପଦକ୍ଷେପ ନିଆଯିବା ସହ ସଂଘର୍ଷ ପ୍ରଭାବିତ ଅଞ୍ଚଳରେ ଶିଶୁମାନଙ୍କୁ ମାନବୀୟ ସହାୟତା ଯୋଗାଇ ଦେବାକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଯୁଦ୍ଧର କାରଣଗୁଡ଼ିକୁ ମୂଳରୁ ଦୂର କରିବା ପାଇଁ ବିଶ୍ୱ ନେତାମାନେ ଏକଜୁଟ ହେବା ସମୟ ଆସିଛି। ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଯଦି ଆମେ ଆଜି ଏହି ନିରୀହ ପ୍ରାଣୀମାନଙ୍କୁ ସୁରକ୍ଷା ଦେଇପାରିବା ନାହିଁ, ତେବେ ଆମର ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ। ଏହି ରିପୋର୍ଟ ଆମ ସମସ୍ତଙ୍କ ପାଇଁ ଏକ ଦର୍ପଣ, ଯାହା ଆମର ନିଷ୍କ୍ରିୟତା ଏବଂ ଉଦାସୀନତାକୁ ପ୍ରତିଫଳିତ କରୁଛି।

ମଧୁମିତା ମିଶ୍ର

ମୋ ଆଖିରେ ତୁ... (୧୦)

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ରସିକ ନାଗର ତୁ ...ଠିକ୍ ଜାଣିଛୁ କେମିତି ମାନ ଭଞ୍ଜନ କରାଯାଏ।ତୋତେ କଣ କିଛି ଶିଖେଇବାକୁ ହୁଏ କି...!! କେବଳ ଏଇ ରସିକପଣିଆ ପାଇଁ ତ...

ତୋ ଭକ୍ତ ଜୟଦେବ ତୋ ପ୍ରେମଭକ୍ତିର ଅପୂର୍ବ ଗାଥା 'ଗୀତ ଗୋବିନ୍ଦ' ରଚନା କରି ଚାଲିଥିଲେ। ପ୍ରେମରସରେ ଉଦବୁଦ୍ଧ ହେଲାବେଳେ ହଜି ଯାଉଥିଲେ ଜୟଦେବ। ଏମିତି ଲେଖୁ ଲେଖୁ ମାନୀନି ଗୋପାଲୁଣୀ ରାଧିକା ରାଣୀଙ୍କ ମାନ ଭଞ୍ଜନ ଉଦ୍ଦେଶ୍ୟରେ ତୋତେ ତାଙ୍କ ପାଦ ଧରିବାକୁ ହେବ ବୋଲି ଭାବଟି ଆସିଥିଲେ ମଧ୍ୟ ନିଜ ପ୍ରଭୁଙ୍କ ପାଇଁ ସେ ଏହା ଲିପିବଦ୍ଧ କରିବାରେ ସକ୍ଷମ ହେଇ ନ ଥିଲେ। ମନ ତାଙ୍କର ବହୁତ୍ ଖରାପ ଥାଏ। ଏତେ ବଡ ପ୍ରେମଗ୍ରନ୍ଥର ସମାପ୍ତି ହୋଇ ନ ପାରିବାଟା ତାଙ୍କ ହୃଦୟକୁ ମନ୍ଥି ପକାଉଥିଲା। ତୁ ତ ପ୍ରେମର ମୂର୍ତ୍ତିମନ୍ତ ଦେବତା। ପ୍ରେମିକାର ମାନ ଭଞ୍ଜନ ପାଇଁ ଏଇଟା କରିବା ତୋ ପାଇଁ ଛୋଟିଆ କାମଟିଏ ଥିଲା। ଆଉ ତୋ ମନ ମଧ୍ୟ ତୋ ଭକ୍ତର ଦ୍ୱିଧାକୁ ବି ବୁଝି ସାରିଥିଲା। ଭାବରଠାକୁର ବୋଲି ତ ଜୟଦେବଙ୍କ ଅନୁପସ୍ଥିତିରେ ତାଙ୍କ ରୂପ ନେଇ ତୁ ଆସି ଲେଖିଦେଇ ଥିଲୁ ସେହି ଅମୂଲ୍ୟ ଧାଡ଼ି... 'ଦେହି ପଦ ପଲ୍ଲବ ମୁଦାର'... ଆଉ ସମ୍ପୂର୍ଣ୍ଣ ହୋଇଯାଇଥିଲା ଐତିହାସିକ ପ୍ରେମଭକ୍ତିର ଅଦ୍ୱିତୀୟ ଅମ୍ଲାନ କୀର୍ତ୍ତି...!! ଏହି ଗୀତଗୋବିନ୍ଦର ରସ ଆସ୍ୱାଦନ କରିବା ପାଇଁ ତୋ ମନ ଏତେ ବ୍ୟାକୁଳ ଯେ ସବୁଦିନ ରାତିରେ ବଡ଼ ସିଂହାର ବେଶ ହେଲା ପରେ ଶୋଇବା ଆଗରୁ ତୁ ଗୀତଗୋବିନ୍ଦ ଗାଥା ଶୁଣିଥାଉ। ତୁ ପିନ୍ଧୁଥିବା ଖଣ୍ଡୁଆ ପାଟରେ ମଧ୍ୟ ଗୀତଗୋବିନ୍ଦ ଲେଖା ହୋଇଥାଏ...!! ଏହି ହୃଦୟ ନିସୃତ ସଙ୍ଗୀତର କେବଳ ଦୁଇଧାଡ଼ି ଶୁଣିବାକୁ ଛୁଟି ଯାଇଥିଲୁ ତୁ ସେଇ ବାଇଗଣ କୀଆରିକୁ... ଯେଉଁଠି ସେଇ ପରିବା ବିକାଳୀ ଝିଅଟି ଜୟଦେବ ଗାଉଥିବା ବେଳେ ଶୁଣି ଶୁଣି ଅଳପଟିକେ ମନ ରଖିଦେଇ ଗାଇ ଚାଲିଥିଲା। ସେତେବେଳେ ତୋ ଦେହରେ ଥିବା ବସ୍ତ୍ର ଚିରି ଯାଇଥିଲା ଆଉ ତାକୁ ଦେଖି ବଡ଼ପଣ୍ଡା ଜାଣି ପାରିଥିଲେ ସବୁକିଛି। ମାଦଳା ପାଞ୍ଜିରେ ଉଲ୍ଲେଖ ଥିବା ପରମ୍ପରା ଅନୁଯାୟୀ ଗୀତଗୋବିନ୍ଦ ଗାନ ତୋର ପୂଜାବିଧିର ଅଂଶ ବିଶେଷ ହୋଇପାରିଛି।

ଆଉ ଲକ୍ଷ୍ମୀ ଠାକୁରାଣୀଙ୍କୁ ମନେଇବାକୁ ତୁ କଣ ଠିକ୍ ରାସ୍ତା ପାଇ ନ ଥାନ୍ତୁ...!! ତାଙ୍କ ମନଲାଗି ରସାଳ ରସଗୋଲା ଦେଇ ଆରାମରେ ତାଙ୍କୁ ମନେଇ ଦେଉ ତୁ କାଳିଆ...!! ମା ମାନିଯାଆନ୍ତି ତୋ କଥାକୁ ଯେତେବେଳେ ତୁ କହୁ ଯେ ଆଉ ତାଙ୍କୁ ଛାଡ଼ି ଏକୁଟିଆ ବୁଲିଯିବୁନି...!! କିନ୍ତୁ ତୁ ତ ଜଗତନାଥରେ... ଲକ୍ଷେ ଯୋଜନ ଦୂରରେ ଗଜରାଜ ଡାକି ଦେଲା ବୋଲି ଦୌଡ଼ି ଆସିଥିଲୁ ନା ତୁ ବୈକୁଣ୍ଠରୁ...!! ଚକ୍ରପେଶି ନକ୍ରନାଶି ତାକୁ ଉଦ୍ଧାର କରିଥିଲୁ...!! କୁରୁସଭା ସ୍ଥଳେ ଦ୍ରୌପଦୀ ବସ୍ତ୍ରହରଣ ସମୟରେ ହାତଟେକି ମାନରକ୍ଷା କରିବାକୁ ଗୁହାରି କରିବାରୁ ତାଙ୍କୁ କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରିଥିଲୁ ନା...!! ଘୋର ବନ ମଧ୍ୟରେ ମୃଗୁଣିର ଡାକ ଶୁଣି ପହଞ୍ଚି ଯାଇଥିଲୁ ନା ତାକୁ ଉଦ୍ଧାର କରିବାକୁ...!! ଆଉ ତୁ ରଥରେ ଦର୍ଶନ ଦେଇ ପତିତଜନଙ୍କୁ ଉଦ୍ଧାର କରିବାକୁ କଣ ଆସି ନ ଥାନ୍ତୁ..!!

ଦାସିଆ ବାଉରୀ ଅଛୁଛବ ବୋଲି ତୋ ନିକଟକୁ ଯାଇ ପାରିଲାନି... ହେଲେ ନିଜେ ହାତ ବଢ଼େଇ ତା ନଡ଼ିଆକୁ ଗ୍ରହଣ କରି ନେଇଥିଲୁ ନା ଦୟାନିଧି...!! ଆଉ ତା ପରେ ଭାତ ଉପରେ ଶାଗକୁ ଥୁଆ ହୋଇଥିବା ଦେଖି ସେ ତୋ ଚକାଡୋଳା ଦେଖିଦେଲା ପରି ଆନନ୍ଦରେ ଡେଇଁ ଚାଲିଥିଲା ନା କାଳିଆ...!! ଭକ୍ତି ନୈବେଦ୍ୟର କି ଅନନ୍ୟ ଉଦାହରଣ ସତରେ...!! ଶ୍ରୀଚୈତନ୍ୟ ମଧ୍ୟ ଏମିତି ଭକ୍ତିରସରେ ବୁଡି ରହି ନୃତ୍ୟ କରୁଥିଲେ କୀର୍ତ୍ତନର ତାଳେ ତାଳେ...!! ତୋତେ ନାଚ ଗୀତ ଭଲ ଲାଗେ ବୋଲି ତ ଦେବଦାସୀ ନିଜକୁ ସମର୍ପିଦିଏ ତୋ ଭକ୍ତିର ତାଳେ ତାଳେ ନିଜ ହୃଦୟର ଘୁଙ୍ଗୁରକୁ ବଜାଇ ଦେଇ...!! ଅବଶ୍ୟ ଏହି ପରମ୍ପରା ବର୍ତ୍ତମାନ ଆଉ ନାହିଁ।କିନ୍ତୁ କି ନାରୀ କି ନର... ତୋ ଭଜନ ଜଣାଣ ତାଳେ ତାଳେ କହ କାହାର ମନ ନ ଝୁମେରେ ବଂଶୀଧର...!!

ବିଦୁର ଘରେ ଶାଗଭଜା ଖିଆ ହେଉ କି କାଳିଆ ଷଣ୍ଢ ରୂପରେ ଭକତ ବାରିରୁ କଦଳୀଖିଆ ହେଉ ... ଦେଖାଯାଏ ତୋ ମହାନତା...!! ଭାରି ମନୁଆ ଠାକୁର ନା ତୁ... ମନ ନ ପାଇଲେ କାହା କଥା ଟିକେ ବି ଶୁଣିବୁନି। କେତେବେଳେ ବନ୍ଧୁ ମହାନ୍ତିର ଭୋକ ନ ସହି ନିଜ ରନ୍ଧଣଳୀ ତାକୁ ଦେଇ ଆସିଛୁ ତ କେତେବେଳେ ଗୀତା ପଣ୍ଡା ଘରେ ନିଜେ ଭାର ନେଇ ପହଞ୍ଚେଇ ଆସିଛୁ...!! ଖାଲି ସେତିକି ନୁହେଁ ତାଙ୍କ ପତ୍ନୀ ଭଗବତ୍ ଗୀତାକୁ ଚିରି ଦେଇ ଥିବାରୁ ତାଙ୍କୁ ଦେଖେଇ ଦେଇଥିଲୁ ତୋ ଜିଭ କେମିତି ଦୁଇଫାଳ ହୋଇ ଯାଇଥିଲା...!! କେତେବେଳେ ବଳରାମ ଦାସଙ୍କ ବାଲିରଥରେ ଉଭା ହୋଇ ଯାଇଛୁ ତ କେତେବେଳେ ସାଲବେଗ ନ ଆସିବା ଯାଏଁ ନନ୍ଦିଘୋଷରେ ସେମିତି ଗୁମ୍ ମାରି ବସି ରହିଛୁ... ଦୀର୍ଘ ସାତଦିନ ଯାଏଁ...!! ହାତୀ ଆସିଲେ ବି ତୋତେ ହଲେଇ ପାରେନା... ହେଲେ ଭକ୍ତଟିଏ ବିକଳ ହୋଇ ଡାକିଦେଲେ ତୁ ସମ୍ପୃକ୍ତ ଦୋହଲି ଯାଉ...! କେତେବେଳେ ଭକ୍ତ ପ୍ରାଣଧନ ତୁ ଭକ୍ତ ତଳିଛା ମହାପାତ୍ରଙ୍କୁ ବଞ୍ଚେଇବା ପାଇଁ ଗହଳ କେଶକୁ ଧାରଣ କରିଛୁ ତ ଅନ୍ୟ କେତେବେଳେ ଗଣପତି ଭଟ୍ଟ ତୋତେ ମନ ପୁରେଇ ଦେଖିବେ ବୋଲି ସ୍ନାନ ମଣ୍ଡପରେ ଗଜରାଜଙ୍କର ବେଶରେ ସଜେଇ ହୋଇଛୁ...!! କଣ କହିହେବ ତୋ ମହିମା କଥାରେ ଜଗା...!! ତୁ ତ କୋଣ କୋଣରେ ବିଦ୍ୟମାନ...!! ଘଟ ଘଟରେ ଭ୍ରାମ୍ୟମାନ...!!

ଗୀତା, ରାମାୟଣ ପାଠରେ ଯେତିକି ପୁଣ୍ୟ ମିଳେନି ତାଠୁଁ ଢେର୍ ଅଧିକ ପୁଣ୍ୟ ମିଳେ ତୋ ବେତବାଡି ପ୍ରହାର ମୁଣ୍ଡରେ ଥରେ ବାଜିଲେ...!! ଜପ ତପ ଉପବାସ ଯେତେ ତୋ ନିକଟକୁ ନେଇ ପାରେନି ତାଠୁଁ ତୋର ନିକଟକୁ ଯିବା ପାଇଁ କେବଳ ଭକ୍ତି ସମର୍ପଣରେ ଦୁଇ ହାତ ଟେକିଦେଲେ ଯଥେଷ୍ଟ ହୋଇଥାଏ...!! ତୋ ଡୋରି ନ ଲାଗିଲେ ତୋ ଦର୍ଶନ ମିଳେ ନାହିଁ। ଦେଉଳ ଭିତରକୁ ପ୍ରବେଶ କଲା ମାତ୍ରେ ଶିବଶକ୍ତିଙ୍କ ଯୁଗଳ ମୂର୍ତ୍ତି ପାଖରେ ସଧବା ସ୍ତ୍ରୀଲୋକମାନେ ଅଟକିଯାଇ ନିଜର ପାଣି କାଚ ବକ୍ର ହେବାକୁ ପ୍ରାର୍ଥନା କରନ୍ତି ଆଉ ସ୍ୱୟଂ ପାର୍ବତୀ ସେମାନଙ୍କ ଗୁହାରୀ ଶୁଣନ୍ତି...!! ତୋ ଦେଉଳ ସାମ୍ନାରେ ଥିବା ମୁକ୍ତିମଣ୍ଡପ ଉପରେ କାଳେ ନିଜେ ଦେବତା ମାନେ ବସି ବ୍ରାହ୍ମଣ ବେଶରେ ଆଶିଷ ଦିଅନ୍ତି...!! ମନ୍ଦିର ପ୍ରାଙ୍ଗଣରେ ଅନେକ ଛୋଟ ବଡ଼ ମନ୍ଦିର ଅସରନ୍ତି ବିଶ୍ୱାସର ଗାଥା ଶୁଣେଇ ଚାଲନ୍ତି। ପ୍ରତ୍ୟେକ ଦେବାଦେବୀ, ଗ୍ରହ ନକ୍ଷତ୍ରଙ୍କର ଅବସ୍ଥିତି ଆଉ ଉପସ୍ଥିତି ସହ ଶ୍ରୀମନ୍ଦିର ଭାବମୟ ହୋଇଉଠେ। ଏଇଠି ଦିନରାତି କିଛି ଫରକ୍ ଜଣା ପଡେନି...!! କାର୍ତ୍ତିକ ମାସର ଲକ୍ଷାଦୀପ ନୀତି ହେଉ କି ରାଇ ଦାମୋଦର ଓଷା... ଏକାଦଶୀ ତିଥିର ସ୍ୱତନ୍ତ୍ର ପୂଜା ହେଉ କି ମଦନମୋହନଙ୍କ ବେଢ଼ା ପରିକ୍ରମା... ଦେବ ଦୀପାବଳୀ ହେଉ କି ଜନ୍ମାଷ୍ଟମୀ ଉତ୍ସବ...!! ସବୁକିଛି ବହୁତ୍ ନିଆରା ଆଉ ସବୁ ତର୍କବିତର୍କ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ...!! ଏଠି ଥିବା ପୁରାତନ ବଟବୃକ୍ଷ ସୃଷ୍ଟି ଆରମ୍ଭରୁ ଅଛି ବୋଲି ବିଶ୍ୱାସ କରାଯାଏ। ସେହି କଳ୍ପବଟକୁ ଛୁଇଁ ଯାହା ମନାସିବ ତାହା ପାଇବ ବୋଲି କୁହାଯାଏ। ଏଠି ଥିବା ରୋହିଣୀକୁଣ୍ଡ ଜଳ ସ୍ପର୍ଶ ମାତ୍ରକେ କାକଟିଏ ନାରାୟଣ ସ୍ୱରୂପ ପ୍ରାପ୍ତ କରିଥିବା ବିଶ୍ୱାସ କରାଯାଏ। ଏଠି ଥିବା ଦେବ ମଣ୍ଡପରେ ପ୍ରତ୍ୟହ ଦେବସଭା ହେଉଥିବା ବିଶ୍ୱାସ କରାଯାଏ...!! ଏଠି ଯଦି ବିଶ୍ୱାସ ପ୍ରମାଣ ଖୋଜେ ତେବେ ନିଜେ ତା ଅସ୍ତିତ୍ୱ ହରେଇ ବସେ। ଏତେ ଗହଳି ଚହଳି ଦିନରେ ଲାଗିଥିଲେ ମଧ୍ୟ ତୋ ପହଡ଼ ପଡ଼ିବା ପୂର୍ବରୁ ମନ୍ଦିରକୁ ଜନଶୂନ୍ୟ କରି ଦିଆଯାଏ। ଏଠି ପ୍ରାଙ୍ଗଣ ଭିତରେ କେବେ କୌଣସି ଭକ୍ତ ଇହଲୀଳା ତ୍ୟାଗ କରନ୍ତିନି ବୋଲି ବିଶ୍ୱାସ ଅଛି। ସବୁ ନୀତି ଅନୀତି ଉପରେ... ସବୁ ନିୟମ ବେନିୟମ ଉର୍ଦ୍ଧ୍ୱରେ... ସବୁ ବିଶ୍ୱାସ ଅବିଶ୍ୱାସ ଆଗରେ ଅଛୁ ତୁ...କେବଳ ତୁ ଜଗତ ଠାକୁର..!! ତୋ ବିନା ଆଉ କିଏ ଅଛିରେ କାଳିଆ..

ତୋତେ ସର୍ପ ଜଣାଣ କଲେ ବି ତୁ ଖୁସି ହୋଇଛୁ...ତୋତେ ପଥର କହିଲେ ବି ଶାଳଗ୍ରାମ ରୂପ ନେଇ ସାମ୍ନାକୁ ଆସିଛୁ...!! ତୋ ରତ୍ନବେଦୀ ତଳେ କାଳେ ଅସଂଖ୍ୟ ଶାଳଗ୍ରାମ ଅଛନ୍ତି। ତେଣୁ ଭିତର କାଠ ଆଗକୁ ଯିବା ପାଇଁ ପ୍ରାୟତଃ ଅନୁମତି ମିଳି ନ ଥାଏ...!! ଚକା ଚକା ତୋ ଦୁଇ ଆଖିରେ ଏ ଚର୍ମ ଆଖି ଦୁଇଟି ମିଶିଗଲା ପରେ ମନଟା କେମିତି କେଜାଣି ପୁରା ଖାଲି ହୋଇଯାଏ...!! କେତେ କଣ ମାଗିବାକୁ ଇଚ୍ଛା କରି ଛୁଟି ଆସିଥିବା ତୋ ଭକ୍ତମାନେ ତୋତେ ଦେଖି ସବୁ ଭୁଲି ଯାଆନ୍ତି। କି କିମିଆ ଜାଣିଛୁ କେଜାଣି ତୁ...!! ଥରୁଟିଏ ତୋତେ ଦେଖିଦେବା ପରେ ସତରେ ଆଉ କଣ କିଏ ମାଗି ପାରିବ କି ରେ ଦୟାନିଧି...!!

ତୋ ଦେଉଳ ତୋ ଦାଣ୍ଡ ତୋ ଦୁଆର ତୋ ନେତ ସବୁତ ତୋ ପରି ବଡ ଆଉ ସବୁ ମଧ୍ୟ ଅଟନ୍ତି ଠାକୁର...!! ତୋ ଅରୁଣ ସ୍ତମ୍ଭ ଠାକୁର... ତୋ ଗରୁଡ ସ୍ତମ୍ଭ ଠାକୁର...!! ତୋ ମହାପ୍ରସାଦ ଠାକୁର...ତୋ ମହାଦୀପ ବି ତ ଠାକୁର...!! ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ମହାଲକ୍ଷ୍ମୀଙ୍କ ମନ୍ଦିର ସାମ୍ନାରୁ ଉପରକୁ ଦେଖିଲେ ଥରକରେ ତୋର ଆଉ ମା'ଙ୍କର ମନ୍ଦିର ଚୂଡାର ଏକ ସଙ୍ଗେ ଯୁଗଳଦର୍ଶନ ମିଳିଯାଏ...!! ଯେଉଁ ସ୍ଥାନରୁ ବଳିରାଜ ପାତାଳୀ ହୋଇଛନ୍ତି ବିଶ୍ୱାସ କରାଯାଏ ସେହି ବଳିବାମନ ମନ୍ଦିରକୁ ପିଠି କରି ଠିଆ ହୋଇଯିବା ପରେ ଦୁଇହାତ ଯୋଡ଼ି ତୋ

ପତିତପାବନ ନେତକୁ ତୋ ନୀଳଚକ୍ରକୁ ଚାହିଁ ପୁଣି ଡାକିବାକୁ କହିଦେଲେ ତୁ ପୁଣି ବହୁତ୍ ଜଲଦି ନିଜ ପାଖକୁ ଡାକୁ ରେ କାଳିଆ...!! ଭୂତପ୍ରେତ ଭୟ ଲାଗିଲେ ବିଶ୍ୱାସ ଅଛି ତୋ ଦେଉଳର ଦକ୍ଷିଣଦ୍ୱାର ଯେଉଁଠି ଚିମିନ ଚଢ଼େଇମାନେ ବସାବାନ୍ଧି ରହିଛନ୍ତି... ତା ଭିତର ଦେଇ ଥରେ ଚାଲିଗଲେ ମନରୁ ସେ ଭୟ ସବୁଦିନ ପାଇଁ କୁଆଡେ ଉଭେଇ ଯାଏ...!!

କେତେ ବିଶ୍ୱାସ... କେତେ ଲୋକକଥା... କେତେ ସାକ୍ଷୀ ପ୍ରମାଣ...କେତେ ଯେ ତୋ ଅମ୍ଲାନ ଗାଥା ରେ ଜଗା...!! ଭକ୍ତ ସହିତ ଆସି ସାକ୍ଷୀ ଦେଇଛୁ ବୋଲି ତୁ ବୋଲାଉ ସାକ୍ଷୀ ଗୋପାଳ... ବଙ୍କେଇ ମୁକ

ଧାରାବାହିକ ଉପନ୍ୟାସ



ଦୁରନ୍ତ ଶିଖା

ଭାଗ-୭୦

ଏହା ପୁଣି ସମ୍ଭବ କେମିତି ହେବ । ସମୁଦ୍ର ଅତିକ୍ରମ କରି ବାନରସେନା କ'ଣ କେବେ ଲଙ୍କାରେ ପହଞ୍ଚି ପାରିବେ ? ମୟଦାନବ ସିନା ମୋତେ ସାନ୍ତ୍ୱନା ଦେବାପାଇଁ ଏମିତି କହୁଥିଲେ । ହେଲେ ମୁଁ ତ ଜାଣିଛି ସମୁଦ୍ର ଲଂଘିବା ମଧ୍ୟ କଷ୍ଟକର ନୁହେଁ । କାରଣ ହନୁମାନ ଠାରୁ ଏହାର ପ୍ରମାଣ ମିଳିସାରିଛି । ରାମଚନ୍ଦ୍ର ଯେ ସୀତା ଉଦ୍ଧାର ପାଇଁ ପ୍ରତିଶ୍ରୁତିବଦ୍ଧ । ଆଉ ସେଥିପାଇଁ ତାଙ୍କୁ ମୋ ସହ ଯୁଦ୍ଧ କରିବାକୁ ପଡ଼ିବ । ମୟଦାନବ ଯୁଦ୍ଧ ବିପକ୍ଷରେ ମୋତେ ଯେତେ ବୁଝାଇଲେ ମଧ୍ୟ ମୁଁ ଠିକ୍ ଜାଣିଛି ଖୁବ୍ ନିକଟରେ ଯୁଦ୍ଧ ନିଶ୍ଚିତ ।

ମନ୍ତ୍ରଣା କକ୍ଷରୁ ମୟଦାନବ ଗଲାପରେ ମୁଁ ମଧ୍ୟ ନିଜ କକ୍ଷକୁ ଫେରି ଆସିଥିଲି । ମନଟା ଭଲ ଲାଗୁନଥିଲା । ଭାବିଲି ମନ୍ଦୋଦରୀଙ୍କ ସହ ଟିକିଏ ସାକ୍ଷାତ କରି ଆସିଲେ ମନ ବଦଳିଯାଆନ୍ତା । ମାତ୍ର ମନ୍ଦୋଦରୀଙ୍କ କକ୍ଷକୁ ଯାଇ ଯାହା ଦେଖିଲି ସେଥିରେ ମୁଁ ସ୍ତବ୍ଧ ହୋଇଗଲି । ଘରଟିକୁ ନିବୁଜ ଅନ୍ଧାର କରି ମନ୍ଦୋଦରୀ କାନ୍ଦୁଥିଲେ। ମିଞ୍ଜିମିଞ୍ଜି ହୋଇ ଜଳୁଥିବା କ୍ଷୀଣ ଆଲୋକରେଖା ମୁଁ ଦେଖିପାରୁଥିଲି ମନ୍ଦୋଦରୀଙ୍କ ଅସହାୟ ବ୍ୟବସ୍ଥା । ସେ ତେବେ ଆଗାମୀ ବିପଦ କଥା ଭାବି ଭାଂଗି ପଡ଼ିଛନ୍ତି । ତାଙ୍କ ପାଖକୁ ଯାଇ ତାଙ୍କ କାନ୍ଦିବାର କାରଣ ପଚାରିଲି । କାନ୍ଦିକାନ୍ଦି ମନ୍ଦୋଦରୀ କହୁଥିଲେ ମହାରାଜ, ଆପଣଙ୍କୁ କ'ଣ କହିବି, ଆପଣ ସବୁ ବୁଝି ବି ଅବୁଝା। ଏବେ ମୋର ନିଜ ପ୍ରତି ଭୟ ଜାଗୁଛି । ମୋ ସ୍ୱାମୀ, ସନ୍ତାନ ସମଗ୍ର ରାକ୍ଷସ ସମାଜର ଆସନ୍ନ ବିପତ୍ତି ପାଇଁ ଚିନ୍ତା ବଢ଼ିଯାଇଛି । ମୁଁ ଏ ରାଜ୍ୟର ପାଟରାଣୀ ମୋରି ସାମନାରେ ସମସ୍ତଙ୍କ ମୃତ୍ୟୁର ଦୃଶ୍ୟ ସହିବି କେମିତି ?

ଏ କି କଥା କହୁଛ ରାଣୀ, ମୁଁ ତ ଏବେବି ଜୀବିତ ଅଛି । ଅଥଚ ମୋ ମୃତ୍ୟୁ ଭୟ ତୁମକୁ ଅସ୍ଥିର କରୁଛି କାହିଁକି ? ତୁମେ ବୋଧହୁଏ ଅଧିକ କିଛି ଭାବିଯାଇଛ ।

ନା ସ୍ୱାମୀ ନା ମୁଁ ଯାହା ସବୁ ଭାବିଥିଲି ସେସବୁ ଭୁଲ୍ ଥିଲା। ନିଜେ ସୀତାଦେବୀ ପ୍ରକୃତ ଜନ୍ମ, ମୃତ୍ୟୁର ରହସ୍ୟ ମୋ ଆଖି ଫିଟାଇ ଦେଇଛନ୍ତି ।

ସୀତାଙ୍କ ନାମ ଶୁଣି ଚମକି ଉଠିଲି । ତୁମେ କ'ଣ ତାହେଲେ ସୀତାଙ୍କ ପାଖକୁ ଯାଇଥିଲ।

ହଁ ମୋତେ କ୍ଷମା କରନ୍ତୁ, ଆପଣଙ୍କ ବିନା ଅନୁମତିରେ ମୁଁ ସୀତାଙ୍କ ଦେଖା କରିବାକୁ ଯାଇଥିଲି । ସେ ମୋତେ ମୃତ୍ୟୁର ରହସ୍ୟ ବଖାଣି ମୋ ଆଖିରୁ ପରଦା ହଟାଇ ଦେଇଛନ୍ତି ।

କ'ଣ କହିଲେ ସୀତା ?

ସେ ମୋତେ ଆତ୍ମାର ମୃତ୍ୟୁ ବିଷୟରେ କହିଲେ । ଆଉ ଏତିକି ବି କହିଲେ, ଯାହାର ଆତ୍ମା ସମ୍ବନ୍ଧୀୟ ଜ୍ଞାନ ନାହିଁ ତା ପାଇଁ ଏସବୁ ବୁଝିବା କଷ୍ଟକର ହୋଇପାରେ । ହେଲେ, ଏକଥା ମଧ୍ୟ ସତ ଯେ, ଆତ୍ମାର ମୃତ୍ୟୁ ହୋଇଗଲେ ସ୍ଥୂଳ ଶରୀର ମରିବା ସହ ସମାନ । ସେ ବଞ୍ଚିରହି ମଧ୍ୟ ମରିଯାଏ । ତୁମର କାର୍ଯ୍ୟକଳାପ ଦେଖି ମନେହେଉଛି ତୁମ ଭିତରେ ଆତ୍ମା ବୋଲି କିଛି ନାହିଁ । ତେଣୁ ତୁମର ଆତ୍ମାର ମୃତ୍ୟୁ ହୋଇଯାଇଚି କହିଲେ ଅତ୍ୟୁକ୍ତି ହେବ ନାହିଁ । କ'ଣ କହିଲ ରାଣୀ, ସୀତାଙ୍କ ଭାଷାରେ ମୁଁ ତେବେ ମୃତ ? ଆପଣ ଭୁଲ୍ ବୁଝୁଛନ୍ତି । ସେ ତ ଖାଲି ଏତିକି କହିଲେ ଆପଣଙ୍କ ଆତ୍ମାର ମୃତ୍ୟୁ ହୋଇଯାଇଛି ବୋଲି ।

ରାଣୀ, ତୁମେ ବି କ'ଣ ତେବେ ଆତ୍ମାକୁ ବିଶ୍ୱାସ କର । ଆମ ରାକ୍ଷସମାନେ ତ ଦେହବାଦୀ। ଦେହର ଆସକ୍ତି ହିଁ ତାଙ୍କ ପାଇଁ ବଡ଼।

ମୁଁ କିନ୍ତୁ ଆତ୍ମାକୁ ଗଭୀର ଭାବେ ବିଶ୍ୱାସ କରେ । ହୋଇପାରେ ଆମେ ପ୍ରତ୍ୟେକେ ଏକ ସ୍ଥୂଳ ଦେହଧାରୀ ଜୀବ । ତାର ମାନସିକ ଶକ୍ତି ରହିଛି । ତା ସତ୍ତ୍ୱେ ଆମେ ପ୍ରତ୍ୟେକେ ଏକ ଦେହଧାରୀ ଆତ୍ମା । ଆତ୍ମା ରହିଥିବାରୁ ତାର ଜୀବନ ରହିଛି । କାର୍ଯ୍ୟ କରିବାପାଇଁ ତାର ସ୍ଥୂଳ ଦେହ ରହିଛି । ମାତ୍ର ଆତ୍ମା ବା ଦିବ୍ୟଶକ୍ତି ହିଁ ତାର ଅନ୍ତରାତ୍ମାର ସ୍ୱର । ଆମ ସ୍ଥୂଳ ଶରୀର ଓ ବୁଦ୍ଧି ଅନ୍ତର୍ନିହିତ ଆତ୍ମା ଉପରେ ନିର୍ଭର କରେ । ତେବେ ଦୁଃଖର ବିଷୟ, ଅନେକଙ୍କ ପାଖରେ ଆତ୍ମଜ୍ଞାନ ନଥାଏ । ଆଉ ଯିଏ ଆତ୍ମାକୁ ସାକ୍ଷାତ୍ କରିପାରେ ସେ ମୁକ୍ତି, ଅମରତ୍ୱ ତଥା ଶାଶ୍ୱତ ସୁଖ ଲାଭ କରିପାରେ ।

ଦେଖନ୍ତୁ ସୀତା ଯାହା ସବୁ କହିଗଲେ ତାହା ମୋ ହୃଦୟକୁ ସ୍ପର୍ଶ କରିପାରିଛି । ଆମେ ସାଂସାରିକ ମାୟା ବନ୍ଧନରେ ଏମିତି ବାନ୍ଧି ହୋଇଯାଇଛୁ ଯେ, ଆତ୍ମାର ସ୍ୱରୂପ ସମ୍ପର୍କରେ ଜାଣିବା ପାଇଁ ଚେଷ୍ଟା କରିନୁ । ମନ ଓ ଦେହର ବନ୍ଧନରୁ ମୁକ୍ତି ନ ପାଇଲେ ଆତ୍ମାର ସ୍ୱରୂପ ଜାଣି ହୁଏ ନାହିଁ ।

ଆପଣଙ୍କର ଆତ୍ମା ଉପରେ ବିଶ୍ୱାସ ଥାଉ କି ନଥାଉ ମୋର କିନ୍ତୁ ଗଭୀର ବିଶ୍ୱାସ ଅଛି । ଏ ଶିକ୍ଷା ମୁଁ ମୋର ମାଆଙ୍କ ଠାରୁ ପାଇଥିଲି । ଆପଣ ମଧ୍ୟ ଏ ଶିକ୍ଷା ପିତାଙ୍କ ଠାରୁ ପାଇଥିବେ । ଥରେ ଭାବି ଦେଖନ୍ତୁ ସୀତା କିଛି ଭୁଲ୍ କହି ନାହାନ୍ତି । ବରଂ ଆତ୍ମାର କଥା କହି ଆମର ଜ୍ଞାନଚକ୍ଷୁ ଖୋଲି ଦେଇଛନ୍ତି ।

ମନ୍ଦୋଦରୀଙ୍କ କଥା ମୋ ପାଇଁ କଟୁ ହେଲେ ବି ସତ୍ୟ ନିଶ୍ଚୟ । ମୁଁ ବି ଆଶ୍ରମରେ ପିତାଙ୍କ ନିକଟରୁ ଶୁଣିଥିଲି । ଆତ୍ମା, ଅମର, ଅଜର । ତାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ଏବେ କିନ୍ତୁ ସେସବୁ ମାନିବା ଅବସ୍ଥାରେ ମୁଁ ନଥିଲି । ବରଂ ମନ୍ଦୋଦରୀଙ୍କ କଥା ଟାଳିଯିବା ପାଇଁ କହିଲି, ଆଚ୍ଛା କୁହ ତ ତୁମେ ସୀତାଙ୍କୁ କେମିତି ସାକ୍ଷତ କରିପାରିଲ ତାଙ୍କ ପାଖରେ ତ ଜଗୁଆଳି ରଖିଥିଲି। ସେମାନେ କ'ଣ ତୁମକୁ ଛାଡ଼ିଦେଲେ।

ନା ନା ସେମାନେ ତ ଆଦୌ ଛାଡୁ ନଥିଲେ। ହେଲେ ମୁଁ ବହୁତ କାକୁତି ମିନତି କରି ଭିତରକୁ ଗଲି । ସୀତା ମୋତେ ଦେଖି ପ୍ରଥମେ ଭୟ କରୁଥିଲେ । ରାଗମିଶା ଭୟରେ ସେ ମୋତେ ଅନାଇ ରହିଥିଲେ । ମୁଁ ମୋ କୋମଳ, ମଧୁର ସ୍ୱରରେ ବଦଳାଇ ଦେଲି । ତାପରେ ଆମେ ଦୁହେଁ ଭଉଣୀ ହୋଇଗଲୁ । ସୁଖ ଦୁଃଖ ହେଲୁ । ମୋର ସାକ୍ଷାତ୍ ହୋଇ ସେ ନିଜକୁ ଧନ୍ୟ ମନେକରି ଖୁସି ହୋଇଥିଲେ । ଆପଣ କରିଥିବା କୁକର୍ମ ପଇଁ ତାଙ୍କ ଠାରେ କ୍ଷମା ପ୍ରାର୍ଥନା କରିଥିଲି। ଆପଣଙ୍କ ଜୀବନର ସୁରକ୍ଷା ପାଇଁ ତାଙ୍କୁ ଅନୁନୟ କରିଥିଲି । ସେ ମୋ ଆଖି ଖୋଲିଦେଇ କହିଥିଲେ ଭଉଣୀ ଥରେ ରାଣୀ ଅନ୍ତଃପୁରକୁ ଯାଇ ଦେଖନ୍ତୁ କେତେକେତେ ନାରୀ ଯନ୍ତ୍ରଣାରେ ଟିଳଟିଳ କରି ଜଳୁଛନ୍ତି । ସେମାନଙ୍କ ମୁକ୍ତିର ବାଟ ପରିଷ୍କାର ଦେଖନ୍ତୁ । ସ୍ୱାମୀଙ୍କୁ ଯାଇ କହନ୍ତୁ, ଏସବୁ ପାପ କର୍ମରୁ ନିବୃତ୍ତ ରୁହନ୍ତୁ । ତାଙ୍କ ମନକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ । ନଚେତ୍ ମୋର ପତିଦେବ ରାମଙ୍କ ହାତରେ ଆପଣଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବ ।

ଏତିକି କହିସାରିବା ପରେ ମନ୍ଦୋଦରୀ ଆଖି ଛଳଛଳ କରି କହନ୍ତି ଏବେ ବୁଝିପାରିଲେ ତ ସ୍ୱାମୀ ଏବେବି ସମୟ ଅଛି ସମସ୍ତଙ୍କୁ ମୁକ୍ତ କରିଦିଅନ୍ତୁ । ଏଥିରେ ଆମ ସମସ୍ତଙ୍କର ମଂଗଳ ହେବ ।

ଡ. ସିନ୍ଧୁ ସେନ୍

ମନ୍ଦୋଦରୀଙ୍କ କଥାରେ ମୋ ମନରେ ସମବେଦନା ଜାଗୁଥିଲା ସତ, ହେଲେ ମୁଁ ତ କେବେ ବି ତାଙ୍କ କଥାକୁ ମାନିନେଇ ପାରିବିନି, ଏପରିକି ସ୍ୱୟଂ ରାମ ଆସି ହାତପତେଇ ମାଗିଲେ ବି ମୁଁ ବିନା ଯୁଦ୍ଧରେ ସୀତାଙ୍କୁ ରାମଙ୍କ ହାତରେ ଟେକିଦେଇ ପାରିବି ନାହିଁ । ମନ୍ଦୋଦରୀ କେମିତି ଜାଣିବ, ରାବଣ କ'ଣ ? ରାବଣର ରାବଣତ୍ୱର ମୂଲ୍ୟ କେତେ, ସେ କଥା ମୁଁ କାହାକୁ ବି ବୁଝାଇ ପାରିବିନି, ମନ୍ଦୋଦରୀକୁ କେମିତି ବୁଝାଇବି । ମୋର ସୀତାଙ୍କୁ ମୁକ୍ତି ନ ଦେବାର କାରଣ କ'ଣ ? ସୀତାଙ୍କ ମୁକ୍ତି ଯଦି ଏତେ ସହଜ ହୋଇଥାନ୍ତା ତେବେ ମୁଁ ଅପହରଣ କରିଆଣିଲି କ'ଣ ପାଇଁ ?

ମନ୍ଦୋଦରୀ କାନ୍ଦକାନ୍ଦି ଲୋଟି ପଡୁଥିଲେ । ଦୁଃଖ ଏଥିପାଇଁ ଯେ, ସେ ମୋର ଅର୍ଦ୍ଧାଙ୍ଗିନୀ ହୋଇ ମଧ୍ୟ ମୋ ମନସ୍ତତ୍ତ୍ୱ ବୁଝିବାକୁ କେବେବି ଚେଷ୍ଟା କରିନାହାନ୍ତି । ବରଂ ସର୍ବଦା ଦୋଷାରୋପ କରି ଆସିଛନ୍ତି।

ମନ୍ଦୋଦରୀଙ୍କୁ ଆଘାତ ଦେଇ ମୋ ମନଟା ମଧ୍ୟ ଗୋଳେଇ ଘାଣ୍ଟି ହେଉଥିଲା । ମୁଣ୍ଡଟା ଭାରିଭାରି ଲାଗୁଥିଲା । କାହାରି ସହ କଥାବାର୍ତ୍ତା କରିବାକୁ ଇଚ୍ଛା ହେଉନଥିଲା । ବାହାରକୁ ଆସି ମୁଁ ଊର୍ଦ୍ଧ୍ୱକୁ ଚାହିଁ ରହୁଥିଲି । ସବୁଠି ଯେମିତି ଶୂନ୍ୟତାର ଭାବ, ଶୂନ୍ୟତାକୁ ଏକାମ୍ର କରିବାକୁ ଇଚ୍ଛା ହେଉଥିଲା । ଶୂନ୍ୟତା ମଧ୍ୟରେ ନିରବତାକୁ ପ୍ରାଣଭରି ଉପଭୋଗ କରୁଥିଲି । ମୋତେ ଯେମିତି ଲାଗୁଥିଲା । ମୋ ଚରିପଟେ ଖାଲି ଶୂନ୍ୟ, ଶୂନ୍ୟ ମହାଶୂନ୍ୟର ନିରବତା ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୯୬ ॥

ନାଁ , ଯେଉଁ ବିଶ୍ୱରୂପଙ୍କଠାରୁ ମନ୍ତ୍ର ଗ୍ରହଣ କରି ଦେବରାଜ ଇନ୍ଦ୍ର ନିଜର ଶତ୍ରୁମାନଙ୍କୁ ଦମନ କରିଥିଲେ, ଦିନେ ସେହି ବିଶ୍ୱରୂପଙ୍କୁ ସେ ଅତି ନିଷ୍ଠୁର ଭାବରେ ହତ୍ୟା କଲେ। ଯେହେତୁ ଇନ୍ଦ୍ର ଜାଣି ପାରିଲେ ଯେ, ଯଜ୍ଞର ହବିର୍ଭାଗ ଦେବାବେଳେ ବିଶ୍ୱରୂପ ପିତାଙ୍କ ପ୍ରେମରେ ଦେବତା ମାନଙ୍କୁ ଓ ମାତାଙ୍କ ସ୍ନେହରେ ଅସୁରମାନଙ୍କୁ ମଧ୍ୟ ହବିର୍ଭାଗ ପ୍ରଦାନ କରୁଛନ୍ତି। ସେତେବେଳେ ଇନ୍ଦ୍ର ନିଜର କ୍ରୋଧ ସମ୍ଭରଣ କରି ପାରି ଲେ ନାହିଁ। ହଁ,ସେ ଅତ୍ୟନ୍ତ ନିଷ୍ଠୁର ଭାବରେ ବିଶ୍ୱରୂପଙ୍କର ଶିର ତ୍ରୟକୁ ଛେଦନ କଲେ। (ପ୍ରାକୃତିକ ଭାବେ ବିଶ୍ୱରୂପଙ୍କର ତିନୋଟି ମୁଣ୍ଡ ଥାଇପାରେ କିମ୍ବା ଦୁଇଟି ମୁଖା ଥାଇପାରେ, ଯାହା ସେତେବେଳେ ଉଭୟ ଦେବତା ଓ ଦାନବ ମାନେ ବ୍ୟବହାର କରୁଥିଲେ। ଦକ୍ଷଙ୍କର ଛାଗଳ ମୁଣ୍ଡ, ଗଣେଶଙ୍କର ହସ୍ତୀ ମୁଣ୍ଡ, ଶଙ୍ଖାସୁରର ଶଙ୍ଖ ମୁଣ୍ଡ, ମହିଷାସୁରର ମହିଁଷ ମୁଣ୍ଡ ଏହିପରି ମୁଖା ହିଁ ଥିଲା। କାରଣ ଭିନ୍ନ ଗୁଣସୂତ୍ର ଥିବା ଦୁଇଟି ଜୀବଙ୍କୁ ଶଲ୍ୟ ଚିକିତ୍ସା ଦ୍ୱାରା ଏକାଙ୍କ କରାଯାଇପାରିନାହିଁ। ସେମାନଙ୍କ ମୁଖ ଯୁଦ୍ଧରେ କ୍ଷତ, ବିକ୍ଷତ ହେବା ପରେ ସେମାନେ ତାହାକୁ ଏହି ମୁଖାରେ ଢାଙ୍କି ରଖୁଥିଲେ। କିନ୍ତୁ ଏହି ମୁଖା କାଠ ବା ମାଟି ତିଆରି ବ୍ୟତିତ ବାସ୍ତବ ପଶୁବା ପକ୍ଷୀ ର ମସ୍ତକ ମଧ୍ୟରୁ ସମସ୍ତ ମାଂସ କାଢି ଉପର ଛାଞ୍ଚରେ ଏହା ତିଆରି କରୁଥିଲେ, ଯାହା ଏବେ ମଧ୍ୟ ଲୋକ ମାନଂକ ଘରେ ସଜା ହୋଇ ରହିଅଛି। ସେହି ସମୟରେ ଛତ୍ରର ବିଶେଷ ବ୍ୟବହାର ନଥିବାରୁ ସେମାନେ ଏହି ମୁଖା ବ୍ୟବହାର କରି ମୁହଁକୁ ଖରା, ବର୍ଷା ତଥା ସେତେବେଳର ବହୁଳ ହିଂସ୍ର ଜୀବ, ଜନ୍ତୁଙ୍କ ଆକ୍ରମଣରୁ ରକ୍ଷା କରୁଥିଲେ। ଆଘାତରୁ ଶିରକୁ ରକ୍ଷା କରିବା ପାଇଁ

ରାଜାଙ୍କ ମକୁଟ, ପଗଡ଼ି ତଥା ମୁନି, ଋଷି ମାନଂକ ଜଟା ଶିର ସ୍ତ୍ରାଣ ବା ହେଲ୍ ମେଟ୍ ପରି ଥିଲା। ସେତେବେଳେ ବେକରେ ମୋଟା ଧାତୁର ଅଳଙ୍କାର ମଧ୍ୟ ଛାତି ଓ ବେକକୁ ହିଂସ୍ର ଜନ୍ତୁ ଓ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଥିଲା। ବିଶ୍ୱରୂପଙ୍କ ମସ୍ତକ ତିନୋଟି ପକ୍ଷୀ (ହୁଏତ ଶସ୍ତ୍ରାଘାତରେ)ଙ୍କ ଆକୃତିରେ ପରିଣତ ହେଲା। ବ୍ରହ୍ମ ହତ୍ୟା କରିଥିବା ଇନ୍ଦ୍ର ମଧ୍ୟ ନିଜର ପ୍ରାୟଶ୍ଚିତ କରିବାରେ ବ୍ୟସ୍ତରହିଲେ।

'ମୋର ପୁତ୍ର ବିଶ୍ୱରୂପକୁ ହତ୍ୟା କରିଥିବା ସେହି ଇନ୍ଦ୍ରକୁ ମୁଁ କଦାପି କ୍ଷମା କରି ପାରିବି ନାହିଁ। ହିଁ' ପୁତ୍ରର ହତ୍ୟା ସମ୍ବାଦ ପାଇ ଶୋକରେ ଜର୍ଜ୍ଜରିତ ହୋଇ ତ୍ୱଷ୍ଟା ପ୍ରଜାପତି ପ୍ରତିଜ୍ଞା କଲେ। ମୁଁ ଆବଶ୍ୟକୀୟ ଯଜ୍ଞାନୁଷ୍ଠାନ କରିବି ଓ ଦେବ ତା ମାନଙ୍କର ଏକ ଶକ୍ତିଶାଳୀ ଶତ୍ରୁକୁ ସୃଷ୍ଟି କରିବି। 'ଏହା ସଂକଳ୍ପ କରି ସେ ଯଜ୍ଞରେ (ଏକ ବିଶେଷ ବିଜ୍ଞାନ କ୍ରିୟା) ଆହୁତି ପ୍ରଦାନ କଲେ ଓ ନିର୍ଜନରେ ଯୋଗାରୂଢ଼ ହେଲେ। ଇନ୍ଦ୍ରିୟମାନଙ୍କୁ ରୁଦ୍ଧ କରି ସେ ଏକାଗ୍ର ଭାବେ ସାଧନ କରିବାରେ ଲାଗିଲେ। ଯୋଗ ଓ ଯଜ୍ଞ ବଳରେ ଲାଭ କରିଥିବା ନିଜର ବିଜ୍ଞାନ ଜ୍ଞାନ ବଳରେ ସେ ଏକ ଭୟଙ୍କର ଲୌହ ଦାନବ (ଆଧୁନିକ ରୋବର୍ଟ)କୁ ସୃଷ୍ଟି କଲେ। (ଏହିପରି ଚେହେରାର ମଣିଷ ଉତ୍ତର ପଶ୍ଚିମ ୟୁରୋପରେ ଅବଶ୍ୟ ଦେଖାଯାଆନ୍ତି, କିନ୍ତୁ ବୃତ୍ତାସୁରର ବର୍ଣ୍ଣନା ପରି ବାସ୍ତବ ଏକ ମଣିଷ ବର୍ତ୍ତମାନ ସମୟରେ ଯଜ୍ଞରୁ ସର୍ବ ସମକ୍ଷରେ ବାହାରି ଯୁଦ୍ଧ କରିବା ଦେଖାନାହିଁ। ସନ୍ଧ୍ୟାର ମେଘ ସଦୃଶ ଅନ୍ଧକାର ମଧ୍ୟରେ ତପ୍ତ ତାମ୍ର ସମାନ କେଶ ଓ ଶ୍ମଶ୍ରୁମଧ୍ୟରେ ସେହି ପୁରୁଷ ମୂର୍ତ୍ତିର ମୁଖରେ ମଧ୍ୟାହ୍ନର ସୂର୍ଯ୍ୟକିରଣ ପରି ଦୁଇଟି ଚକ୍ଷୁ, ଅତ୍ୟନ୍ତ ଉଗ୍ର ଓ ତୀକ୍ଷ୍ଣଦନ୍ତ ମାନଙ୍କ ମଧ୍ୟରେ ଅବିରତ ଲାଳାୟିତ ଭାବେ ଲହଲହ ହେଉ ଥିବା ରସନା ! ତାକୁ ଦେଖିବା କ୍ଷଣି ଦେବ, ମାନବ ଯେ ଯୁଆଡେ ଭୟଭୀତ ହୋଇ ପଳାୟନ କଲେ। ତାହାର ନାମ ଥିଲା ବୃତ୍ରାସୁର।

ବୃତ୍ରାସୁର ନିର୍ଭୟ ପଦକ୍ଷେପରେ ଶତ୍ରୁମାନଙ୍କ ପଛରେ ଧାବିତ ହେଲା। ଦେବତାମାନଙ୍କର ଆଉ ପଳାୟନର କୌ ଣସି ଉପାୟ ନଥିଲା। ସେମାନେ ନିଜ ନିଜର ଅସ୍ତ୍ର ଶସ୍ତ୍ର ଉଠାଇ ବୃତ୍ରାସୁର ଉପରକୁ ନିକ୍ଷେପ କରିବାରେ ଲାଗିଲେ। ମାତ୍ର ବୈଜ୍ଞାନିକ ତ୍ୱଷ୍ଟାଙ୍କର ସୃଷ୍ଟି ଏହି ଲୌହ ଦାନବ ସମସ୍ତ ଆୟୁଧକୁ ଏକ ଲୌହ ଯନ୍ତ୍ରପରି ନିଜ ଗର୍ଭ ମଧ୍ୟକୁ କ୍ଷେପିବାରେ ଲାଗିଲା।

'ଏହି ଦୁର୍ଗତି ସମୟରେ ଭଗବାନ ବିଷ୍ଣୁଙ୍କ ବ୍ୟତୀତ ଆଉ କେହି ଆମକୁ ରକ୍ଷା କରିପାରିବେ ନାହିଁ। ବୈଜ୍ଞାନିକ ତ୍ୱଷ୍ଟାଙ୍କ ଦ୍ୱାରା ନିର୍ମିତ ଏ ଭୟଙ୍କର ଲୌହ ଦୈତ୍ୟପାଖରୁ ଆମର ଆଉ ପରିତ୍ରାଣ ନାହିଁ' ଦେବତା ମାନେଏହା ଭଲରୂପେ ହୃଦ ଯଙ୍ଗମ କରି ପାରିଥିଲେ । ତେଣୁ ସବୁଥର ପରି ଏଥର ମଧ୍ୟ ଆମେ ସେହି ଭଗବାନ ବିଷ୍ଣୁ ଙ୍କର ଶରଣାପନ୍ନ ହେବା' ସମସ୍ତ ଦେବତାମାନେ ନତଜାନୁ ହୋଇ ଶ୍ରୀ ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କଲେ। ତାଙ୍କର ବିଶ୍ୱାସ ଥିଲା ଯେ, ନିଶ୍ଚୟ ସେହି ପ୍ରାର୍ଥନା କାର୍ଯ୍ୟକାରୀ ହେବ। ବର୍ତ୍ତମାନ ସମୟରେତ ବିଜ୍ଞାନ ବିଦ୍ୟୁତ୍ ଉପରେ ହିଁ ନିର୍ଭରଶୀଳ। ଘରେ ବସି ମୋବାଇଲର ରାଡ଼ାର ବଳରେ କୌଣସି ସ୍ଥାନ, ଘଟଣା, ରାସ୍ତା ସର୍ବ ସାଧାରଣ ଦେଖିପାରୁଛନ୍ତି ଓ ଭିଡ଼ିଓ କଲ୍‌ରେ ଦେଖା, କଥାବାର୍ତ୍ତା କରୁଛନ୍ତି। ସେତେବେଳେ ସିଧା ମସ୍ତିଷ୍କ ସହିତ ଅନ୍ତର୍ବିଜ୍ଞାନ ବଳରେ ସେମାନେ ଯୋଗାଯୋଗ ରକ୍ଷା କରୁଥିଲେ। ଏହି ବିଦ୍ୟୁତ ଶକ୍ତି ମସ୍ତିଷ୍କ ଓ ସ୍ନାୟୁକୁ ସକ୍ରିୟ କରେ । କିନ୍ତୁ ଆନ୍ତାର୍ବିଜ୍ଞାନ ସାର୍ବଜନୀନ ନଥିଲା। ବର୍ତ୍ତମାନ କମ୍ପ୍ୟୁଟର ବିଜ୍ଞାନ ବଳରେ ଅନ୍ୟର ମନକଥା, ଭାବନା, ପ୍ରତିକ୍ରିୟା ପାଠକରା ଯାଇପାରୁଛି। ଅନେକ ଅଦ୍ଭୁତ କାର୍ଯ୍ୟ ବିଜ୍ଞାନ ସାଧନ କରୁଛି। ସେତେବେଳେ ଅନ୍ତାର୍ବିଜ୍ଞାନ ବଳରେ ଅସାଧାରଣ ମାନେ ଯୋଗାଯୋଗ ରକ୍ଷା କରୁଥିଲେ। ଦିବ୍ୟ ଦୃଷ୍ଟିରେ ଅଜ୍ଞାତ ଓ ଭବିଷ୍ୟତ ଦେଖୁଥିଲେ। ବିଷ୍ଣୁ ଏକ ସର୍ବୋଚ୍ଚ ଶକ୍ତି ଥିଲେ କାହିଁକିନା, ପ୍ରତି ବିପଦ ବେଳେ ଏଭଳି କୌଣସି ନା କୌଣସି ଐଶ୍ୱରୀୟ ଶକ୍ତି ତାଙ୍କୁସାହାଯ୍ୟ କରି ଚାଲିଥିଲା। ତାଙ୍କଠାରୁ ନିରାଶ ହେବାର ପ୍ରଶ୍ନ ଉଠୁନଥିଲା। ହଁ, ମୁଁ ତୁମକୁ ସାହାଯ୍ୟ କରିପାରିବି, ଧାନସ୍ଥ ଦେବତା ଓ ଆର୍ଯ୍ୟମାନେ ଶୁଣିବାକୁ ପାଇଲେ। ଯେଉଁ ଦେବତାମାନେ କି ସିଦ୍ଧି ପ୍ରାପ୍ତ ହୋଇ ଦେବ ଲୋକରେ ବସବାସ କରୁଥିଲେ ଏବଂ ସର୍ବଦା ଆର୍ଯ୍ୟ ମାନଙ୍କୁ ତାଙ୍କର ଧର୍ମ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ଏହି କାର୍ଯ୍ୟ କେବଳ ଏକ ସୂକ୍ଷ୍ମ ଆତ୍ମା ଦ୍ୱାରା କରିବା ସମ୍ଭବ। ସେହି ଆତ୍ମା ମଧ୍ୟ ଅତି ଉଚ୍ଚ କୋଟିର ଆତ୍ମା ହୋଇଥିବା ଦରକାର। ଦୁଷ୍ଟ ଲୋକ ମାନଙ୍କର ଆତ୍ମା ଖଳ ପ୍ରକୃତିର ହୋଇଥାଏ ଏବଂ ସାଧାରଣ ଆତ୍ମା ମାନଙ୍କୁ ନେଇ କେବଳ କିଛି ସାଧାରଣ କାର୍ଯ୍ୟ କରାଯାଇ ପାରିବ(ପଠିତ)। ବୃତ୍ରାସୁରକୁ ବଧ କରିବା କାର୍ଯ୍ୟ ସେମାନେ କରିପାରିବେ ନାହିଁ। ହିଁ ତେଣୁ ତୁମେ ଯାଇ ଅଥର୍ବଣ ଋଷିଙ୍କୁ ତାଙ୍କର ଶରୀର ପ୍ରାର୍ଥନା କର। ତାଙ୍କର ଶରୀର ଅତ୍ୟନ୍ତ ପବିତ୍ର, ଆଧ୍ୟାତ୍ମିକତାରେ ଦିପ୍ତୀମନ୍ତ, ଯୋଗର ସାଧନା ବଳରେ ତାହା ବଳିଷ୍ଠ, ବିଶେଷତଃ ସେଥିରେ ଈଶ୍ୱର ବିଷ୍ଣୁଙ୍କ ବିଶ୍ୱାସର ଶକ୍ତି ଭରି ରହିଛି। ସେହି ଦେହର ଅସ୍ଥିରେ ବିଶ୍ୱକର୍ମା ଏକ ଶକ୍ତ ଆୟୁଧ ନିର୍ମାଣ କରନ୍ତୁ। ସେହି ଅସ୍ଥିର ଆକର୍ଷଣରେ ତାଙ୍କର ଦେହାନ୍ତ ପରେ ତାଙ୍କର ଆତ୍ମା ସେଠାକୁ ଆସିବ ଏବଂବୃତ୍ରାସୁରକୁ ବିନାଶ କରିବ। ସେଥିପାଇଁ ଅସ୍ଥିକୁ ମୃତ୍ୟୁପରେ ରଖାଯାଇଥାଏ ଏବଂ କୁମାରୀ କନ୍ୟାମ

ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା , ୨୫/୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ଅନ୍ତର୍ଗତ, କଳଙ୍ଗା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୁଲିସ ପ୍ରଶାସନଙ୍କ ମିଳିତ ଜନ ଅଭିଯୋଗ ଶୁଣଷ୍ଣଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ,ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଶାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ,ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା, ବୋଲଗଡ଼ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତି ଖୁଲାସା ପ୍ରଧାନ,ବି ଡି ଓ , ବୋଲଗଡ଼ ସୁମନ ସୁଦ୍ଧା କୁଣ୍ଡୁ, ତହସିଲଦାର ବିଜୟ କୁମାର ସେଠୀ ,ଡେପୁଟି କଲେକ୍ଟର , ଜରୁରୀ, ଶ୍ରୀତପା ମିଶ୍ର,ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୬୪ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୩୬ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୨୬ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ସେଗୁଡିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ,ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ସୁଗୁଡା ମୁର୍ମୁ ରାସନ କାର୍ଡ ହିତାଧିକାରୀଙ୍କୁ ରାଶନ୍ କାର୍ଡ ବଣ୍ଟନ କରିଥିଲେ । ମାନ୍ୟବର ବିଧାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ବିଭିନ୍ନ ବିଭାଗୀୟ ଷ୍ଟଲ୍ ଯଥା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି ଓ ଓଡିଶା ଜୀବିକା ମିଶନ ଷ୍ଟଲ୍, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଯୋଜନା ଷ୍ଟଲ୍,ଆଦ୍ୱିକା ଷ୍ଟଲ୍,ପୋଷଣ ମାସ ଏବଂ ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା , କୃଷି ବିଭାଗ, କୃଷକ ରେଜେଷ୍ଟ୍ରି,ଉଦ୍ୟାନ କୃଷି, ଦକ୍ଷତା ବିକାଶ ଓ ନିୟୋଜନ (ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ନୂଆ ଓଡ଼ିଶା), ପ୍ରାଣୀ ସମ୍ପଦ, ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ବସୁନ୍ଧରା ଯୋଜନା, ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ, ଜନ ସେବା କେନ୍ଦ୍ର ଆଦି ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ , ଅଧିକ୍ଷଣ ଯନ୍ତୀ, ପୂର୍ତ୍ତ, ଖୋର୍ଦ୍ଧା, ଇଂ ଶିବ ଲାଲ ସାହୁ, ଅଧିକ୍ଷଣ ଯନ୍ତୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଇଁ ରଶ୍ମିତା ଦାସ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ହିଆଲ ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମଣ କୁମାର ବେହେରା , ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଶ୍ୟାମଲେନ୍ଦୁ ନାୟକ ,ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁଗୁଡା ମୁର୍ମୁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ , ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗିତାଂସୁ ଦାଶ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ।

ବିଏସଏଫ କ୍ୟାମ୍ପ ପରିଦର୍ଶନ କଲେ ଦିଗପହଣ୍ଡି ବିଧାୟକ

ଜୟପୁର, ୨୫/୬ (ନି.ପ୍ର): ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଆଜି ବିଏସଏଫ ସେକ୍ଟର ମୁଖ୍ୟାଳୟ କୋରାପୁଟ ପରିଦର୍ଶନ କରିଥିଲେ। ପ୍ରାୟ ୪ଟା ସମୟରେ ସେଠାରେ ପହଂଚି ସେ ବିଏସଏଫ ଡ଼ିଆଇଜି ସତ୍ୟବାନ ଖାନଚି, ବିଏସଏଫ ର ଅଧିକାରୀ ଏବଂ ଯବାନମାନଙ୍କ ସହିତ ସାକ୍ଷାତ କରିଥିଲେ। ବିଏସଏଫ ଜବାନମାନଙ୍କୁ ସମ୍ବୋଧିତ କରିବା ସମୟରେ ସେ କର୍ତବ୍ୟ ପାଳନ ସମୟରେ ବିଏସଏଫ ଦ୍ୱାରା କରାଯାଇଥିବା ବଳିଦାନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ବିଏସଏଫ କ୍ୟାମ୍ପସରେ ସହିଦ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ କ୍ରମେ ଏକ ଅଶୋକ ଗଛ ଲଗାଇଥିଲେ।

ଚଳଚ୍ଚିତ୍ର ଅନନ୍ତା ଦେଖି ଟ୍ୟାକ୍ସ ଫ୍ରି ହେବା ଆବଶ୍ୟକ କହିଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର, ୨୫/୬ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁବର୍ଣ୍ଣ ଯୁଗ ଫେରିଛି । ଓଡ଼ିଆ ଚଳଚ୍ଚିତ୍ର ଦେଖିବା ପାଇଁ ଯୁବପିଢ଼ିଙ୍କର ଲମ୍ବା ଧାଡି ଲମ୍ବିଛି । ପ୍ରେକ୍ଷାଳୟ ଭିତରେ ବାହାରେ ସବୁଠି ଗହଳି । ରଜ ପରେବି ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଜନଗହଳି ସେଇ ସୁବର୍ଣ୍ଣ ଯୁଗକୁ ଫେରେଇ ଆଣିଛି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡୀପୁଅ ଅନନ୍ତା' ଅବଲମ୍ବନର କାହାଣୀକୁ ନେଇ ନିର୍ମାଣ ହୋଇଥିବା ଚଳଚ୍ଚିତ୍ର ଅନନ୍ତା ଦୁଇ ସପ୍ତାହ ଧରି ହାଉସଫୁଲ ଚାଲିଥିବା ବେଳେ, ମହାରାଜା ସିନେମା ହଲ୍ ରେ ଶହଶହ

ଦର୍ଶକମାନଙ୍କ ଗହଣରେ ବସି ଏକାମ୍ର, ଭୁବନେଶ୍ୱରର ମାନ୍ୟବର ବିଧାୟକ ବାବୁ ସିଂହ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଅନେକ ଯୁବନେତା ଏକାଠି ବସି ସମ୍ପୂର୍ଣ୍ଣ ଅନନ୍ତା ଚଳଚ୍ଚିତ୍ର ଦେଖିଥିଲେ। ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏବଂ ଅଭିନେତା ସବ୍ୟସାଚୀ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଦର୍ଶକଙ୍କ ସମେତ ବିଧାୟକ ବାବୁ ସିଂ ମଧ୍ୟ ଚଳଚ୍ଚିତ୍ର ଦେଖି ଭାବ ବିହ୍ୱଳ ହୋଇଥିଲେ ଏବଂ ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀଙ୍କ ସମେତ ଚଳଚ୍ଚିତ୍ରର ସମସ୍ତ ବିଭାଗରେ କାମ କରିଥିବା କର୍ମକର୍ତ୍ତାଙ୍କର ଭୁରିଭୁରି ପ୍ରଶଂସା କରିଥିଲେ । ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ଓଡ଼ିଆ ଅସ୍ମିତା ର କଥା ହୋଇଥିବାରୁ ଏହା ସରକାରୀ ସ୍ତରରେ ପ୍ରୋତ୍ସାହନ ପାଇବା ତଥା ଟାକ୍ସ ଫ୍ରି ହେବା ଦିଗରେ ତାଙ୍କ ତରଫରୁ ଚେଷ୍ଟା କରିବା କଥା କହିଥିଲେ । ପ୍ରାୟ ୧୧୩ ବର୍ଷ ତଳର ଗପ କୁ ୨୦୨୫ ମସିହାରେ, ସେ ସମୟର ପରିବେଶ, ପରିସ୍ଥିତିକୁ ପରିକଳ୍ପନା କରି ଚଳଚ୍ଚିତ୍ର ନିର୍ମାଣ କରି ସଠିକ ନ୍ୟାୟ ଦେଇଥିବାରୁ ନିର୍ମାତାଙ୍କୁ ପ୍ରଶଂସା କରିଥିଲେ । ଆମ ମାଟିର କଥାକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ହୋଇଥିବାରୁ ଅଧିକ ରୁ ଅଧିକ ଦର୍ଶକ ଙ୍କୁ ଅନନ୍ତା ଚଳଚ୍ଚିତ୍ର ଦେଖିବାକୁ ଗଣମାଧ୍ୟମ ମାଧ୍ୟମରେ ଅନୁରୋଧ କରିଥିଲେ ।

ବିକାଶ କାର୍ଯ୍ୟ ଠପ୍: ଧାରଣାରେ ବସିଲେ ବଲାଙ୍ଗୀର ଜିଲା ପରିଷଦ ସଦସ୍ୟ ସଦସ୍ୟାମାନେ

ବଲାଙ୍ଗିର, ୨୫/୬ (ନି.ପ୍ର): ବଲାଙ୍ଗିର ଜିଲା ପରିଷଦ ସଦସ୍ୟା ସଦସ୍ୟମାନେ ମଙ୍ଗଳବାର ସ୍ଥାନୀୟ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଜିଲା ପରିଷଦ ସଭାପତି ଦେବକୀ ସାହୁ ଓ ପରିଷଦ ସଦସ୍ୟା, ସଦସ୍ୟମାନେ କହିଛନ୍ତି ଯେ, ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ କେବିକେ ବିକାଶ ଯୋଜନାର ଜିଲା ଅଂଶ ଅନୁଦାନ ଯୋଗାଇ ଦିଆଯାଉନାହିଁ। ଫଳରେ ଜିଲାରେ ବିକାଶ କାମ ଠପ୍ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧକ୍ଷ ନିଯୁକ୍ତ ନ କରିବା, ଜିଲା ପରିଷଦ ବୈଠକ ନ କରିବା ଏବଂ ନିର୍ବାଚିତ ଜିଲା ପରିଷଦ ସଦସ୍ୟା ସଦସ୍ୟଙ୍କୁ ଜିଲା ପ୍ରଶାସନ ଖାତିର ନ କରିବା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ପରିଷଦ ସଭାପତି ସାହୁ କହିଛନ୍ତି। ଜିଲା ପରିଷଦ ସଦସ୍ୟସଦସ୍ୟାମାନେ ଧାରଣାରେ ବସିଛନ୍ତି।

ଶିଳ୍ପୀ କେଶୁଦାସ ପାଇବେ ସମ୍ମାନ ଜନକ ଶିଳ୍ପୀ ଅସୀତ ମୁଖାର୍ଜୀ ସ୍ମୃତି ସମ୍ମାନ

ବାଲେଶ୍ୱର, ୨୫/୬ (ନି.ପ୍ର): ଚଳିତ ବର୍ଷ କଟକ ବିହାରୀବାଗସ୍ଥ ଶିଳ୍ପୀ ଅସୀତ ମୁଖାର୍ଜୀ ସ୍ମୃତି ସଂସଦ ଦ୍ୱାରା ଶିଳ୍ପୀ କେଶୁଦାସଙ୍କୁ ଶିଳ୍ପୀ ଅସୀତ ମୁଖାର୍ଜୀ ସ୍ମୃତି ସମ୍ମାନ ପାଇବା ପାଇଁ ମନୋନୀତ ସୋଇଛନ୍ତି । ଓଡ଼ିଶାର ବିଶିଷ୍ଟ ପ୍ରଚ୍ଛଦପଟ ଶିଳ୍ପୀ ତଥା ଓଡ଼ିଶା ଲଳିତ ଏକାଡେମିର ପୂର୍ବତନ ସଭାପତି ଶିଳ୍ପୀ ଅସୀତ ମୁଖାର୍ଜୀଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ୭ମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଉତ୍ସବରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ସ୍ମୃତି ସଂସଦ ଓ ଓଡ଼ିଶା ଲଳିତ କଳା ଏକାଡେମି ତରଫରୁ ୫/୭/୨୫ ରିଖ ସନ୍ଧ୍ୟା ୬ ଘଟିକାରେ ଆୟୋଜନ କରାଯିବ ବୋଲି ସ୍ମୃତି ସଂସଦର ସମ୍ପାଦକ ହରେକୃଷ୍ଣ ରାଉତ ଜଣାଇଛନ୍ତି। ସ୍ମୃତି ସଂସଦ ତରଫରୁ ପ୍ରତିବର୍ଷ ଓଡ଼ିଶାର ଜଣେ ଚିତ୍ରକଳାରେ ଉତ୍ସର୍ଗୀକୃତ ଚିତ୍ରଶିଳ୍ପୀଙ୍କୁ ଏହି ସମ୍ମାନ ଜନକ ସମ୍ବର୍ଦ୍ଧନା ପ୍ରଦାନ କରାଯାଏ । ପ୍ରକାଶ ଥାଉ ଶିଳ୍ପୀ କେଶୁଦାସ ବାଲେଶ୍ୱରର ଲୋକକଳା ଓ ଲୋକ ସଂସ୍କୃତି ଜଉକଣ୍ଢେଇକୁ ବିଶ୍ୱ ଦରବାରରେ ପରିଚିତ କରିବା ସହ ଭାରତୀୟ ଜଉକୁ ନେଇ ଏକମାତ୍ର ଜଉଚିତ୍ର ଶିଳ୍ପୀ ଭାବେ ଉଚ୍ଚ ପ୍ରଶଂସିତ। ନୋସି କଲଚ୍ୟୁରାଲ ଏକାଡେମିର ମୁଖ୍ୟ ଉପଦେଷ୍ଟା ରହି ଶିଳ୍ପୀ ଦାସ ନୃତ୍ୟ ଗୀତ ଚିତ୍ର ଓ ସାହିତ୍ୟ ଉପରେ ନିୟମିତ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ଲୁପ୍ତ ସୁପ୍ତ ଗୁପ୍ତ କଳା ସଂସ୍କୃତି ଇତ୍ୟାଦିକୁ ପ୍ରଚାର , ପ୍ରସାର ଓ ବିକାଶ ମଧ୍ୟରେ ଲୋକଲୋଚନକୁ ଆଣୁଛନ୍ତି । ବିଲୁପ୍ତ ପ୍ରାୟ ବିଶ୍ୱର ବିସ୍ମୟ ଓ ବିରଳ ନୀଳରକ୍ତ କଙ୍କଡ଼ା, ଗୁପ୍ତପ୍ରାୟ ଶୋଣ, ଗଙ୍ଗାହାର ଓ ବଳଙ୍ଗ ନଦୀର ସଂଗମ ତ୍ରିବେଣୀ ତୀର୍ଥ, ବିସ୍ତୃତ ପ୍ରାୟ ବାଲେଶ୍ୱରର ପୁରାତନ ନାମ 'କୋଶମ୍ବ' , ସୁପ୍ତ ପ୍ରାୟ ଜଗନ୍ନାଥ ସଂସ୍କୃତିର ଅନନ୍ୟ ପରମ୍ପରା ପଟିଦିଅଁ ଅଙ୍କନ, ଅବହେଳିତ ଉତ୍କଳୀୟ ଝୋଟି ଇତ୍ୟାଦିର ପୁନରୁଦ୍ଧାର କରି ପ୍ରତିଷ୍ଠିତ କରିବା ପାଇଁ ଦୀର୍ଘ ଦୁଇ ଦଶନ୍ଧି ଧରି କାର୍ଯ୍ୟକ୍ରମ ମାନ ନିୟମିତ କରି ଆସୁଛନ୍ତି।

ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର

ଗଞ୍ଜାମ, ୨୫/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡାକ୍ତର ସୁଶାନ୍ତ କୁମାର ନାୟକଙ୍କୁ ଏକ ପ୍ରତିନିଧି ଦଳ ଭେଟି ଶୁଭେଚ୍ଛା ଜଣାଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଲେବଲ ଦୁଇରୁ ଲେବଲ ଏକ କରିବାକୁ ଦାବିପତ୍ର ଦେଇଛନ୍ତି। ଏଥିପ୍ରତି ନ୍ୟାୟ ପ୍ରଦାନ କରବେ ବୋଲି ସିଡିଏମଓ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ସୌଭାଗିନୀ କାନୁଗୋ, ଲଳିତା ମହାଣ୍ଡିଆ, ନନ୍ଦିନି ସାହୁ, ଝୁନୁ ପଟ୍ଟନାୟକ ଓ ଭାଗ୍ୟଲତା ପାତ୍ର ପ୍ରମୁଖ ସିଡିଏମଓଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ।

'ମନା' ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ୪୧ତମ ତିରୋଧାନ ଦିବସ ପାଳିତ

ବାଲେଶ୍ୱର, ୨୫/୬ (ନି.ପ୍ର): ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୧ତମ ତିରୋଧାନ ଦିବସ ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ 'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ସମ୍ବାଦ ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିତ୍ ଯୋଗଦେଇ କହିଥିଲେ ଯେ ନବକୃଷ୍ଣ ଚୌଧୁରୀଙ୍କ ଦିଗ୍‌ଦର୍ଶନ ସବୁସମୟରେ ସମାଜ ପାଇଁ ଅନୁକରଣୀୟ। ଗାନ୍ଧିଜୀଙ୍କ ଜୀବନଦର୍ଶନକୁ ସେ ନିଜ ଭିତରେ ପ୍ରତିଫଳିତ କରାଉଥିଲେ। ନବକୃଷ୍ଣଙ୍କର ସରଳତା ଭିତରେ

ଦୃଢ଼ତା ହିଁ ତାଙ୍କ ବ୍ୟକ୍ତିତ୍ୱର ନିଦର୍ଶନ। ଏଣୁ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶକୁ ଅନୁକରଣ କରି 'ମନା' ନିଶା ବିରୁଦ୍ଧରେ ଯେଉଁ ଆନ୍ଦୋଳନ ଚଳାଇଛି, ତାହା ତାଙ୍କ ସ୍ୱପ୍ନକୁ ସାକାର କରାଇବ, ଏଥିରେ ସନ୍ଦେହ ନାହିଁ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାଧାପକ ଡ. ଶିରିଶ ଚନ୍ଦ୍ର ଜେନା ଯୋଗଦେଇ ସ୍ୱର୍ଗତ ନବକୃଷ୍ଣଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସେ ଏକାଧାରାରେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସପରିବାର ଯୋଗଦାନ ସହ ଦେଶରେ ସଂବିଧାନ ଗ୍ରହଣ ପରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଆ ଭାଷାର ସରକାରୀକରଣ ଓ ନିଶାର ବିଲୋପ ପାଇଁ ପ୍ରଣୟନ କରିଥିବା ଆଇନକୁ ଅଦ୍ୟାବଧି ସଂପୂର୍ଣ୍ଣ କାର୍ଯ୍ୟକାରୀ କରାଯାଇନଥିବାରୁ ଅତିଥି ଓ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗାନ୍ଧିଜୀଙ୍କ ଜୀବନାଦର୍ଶକୁ ନବକୃଷ୍ଣ ଚୌଧୁରୀ ନିଜ ଜୀବନକାଳ ବ୍ୟାପୀ ପ୍ରୟୋଗ କରିଥିଲେ।

'ମନା'ର ଉପଦେଷ୍ଟା ସୁବ୍ରତ କର ଓ ଡ. କେଶବ ଚରଣ ପଣ୍ଡା, ସାଧାରଣ ସଂପାଦିକା ମମତା ମହାପାତ୍ର, ଶିକ୍ଷାବିତ୍ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ନବକୃଷ୍ଣଙ୍କ ଜନ୍ମଦିବସ ଓ ମହାପ୍ରୟାଣ ଦିବସ ପାଳନ କରାଯାଉଛି ବୋଲି ପ୍ରକାଶ କରିଥିଲେ। ସ୍କୁଲ୍‌ର ଅଷ୍ଟମଶ୍ରେଣୀର ଛାତ୍ରୀ ଶ୍ୱେତକୃଷ୍ଣା ସିଂ ଏହିଭଳି ଆଲୋଚନା ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁ ଉପାଦେୟ ବୋଲି ମତ ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. କ୍ଷିତୀଶ୍ୱର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରି 'ମନା'ର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। କଲ୍ୟାଣୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ସଂଯୁକ୍ତା ମହାପାତ୍ର, ଭାରତୀ ପଣ୍ଡା, ସୁବ୍ରତା ମହାନ୍ତି, ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ବେଶୁଧର ସାହୁ, ଗଙ୍ଗାଧର ପୃଷ୍ଟି, ଶ୍ରୀରୂପା ମଞ୍ଜରୀ ସେନ୍, ପୁଷ୍ପଲତା ଚକ୍ରବର୍ତ୍ତୀ, ସନାତନ ଦାସ ପ୍ରମୁଖ ସହଯୋଗ କରିଥିଲେ।

ବଜ୍ରପାତ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ

କେନ୍ଦୁଝର, ୨୫/୬ (ନି.ପ୍ର): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ବଜ୍ରପାତରୁ ସୁରକ୍ଷା ତଥା ବିଜୁଳି, ଘଡ଼ଘଡ଼ି ସମୟରେ ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ଜିଲ୍ଲାପାଳ ବିଶାଲ ସିଂହ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି ଓ ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମପଂଚାୟତ ଓ ପୌରାଚଂଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା

ବେଆଇନ କାଠ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର, ୨୫/୬ (ନି.ପ୍ର): କାଠ ଚାଲାଣ ବେଳେ ଜୟପୁର ବନାଂଚଳ ବିଭାଗ ତରଫରୁ ଚଢାଉ କରାଯାଇ ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଫାମ୍ପୁଣି ଗ୍ରାମର ସୌଭାଗ୍ୟ ମଣ୍ଡଳ । ସୂଚନା ଅନୁଯାଇ କୁନ୍ଦୁରା ଠାରୁ ଜୟପୁର ଅଭିମୁଖେ କାଠ ଚାଲାଣ ହେଉଥିବା ଜୟପୁର ବନାଂଚଳର ଅଧିକାରି ସଚିଦାନନ୍ଦ ପରିଡା ସୁଚନା ପାଇଥିଲେ । ସୂଚନା ଆଧାରରେ ଆଜି ସଂନ୍ଧ୍ୟା ୬ଟା ୩୦ ମିନିଟ ସମୟରେ ଘାଟବାଗରା ଛକ ନିକଟରେ ବନାଂଚଳ ଅଧିକାରି ଙ୍କ ସହ କର୍ମଚାରି ମାନେ ଅପେକ୍ଷା କରି ଚଢାଉ କରିଥିଲେ ।

ଜିଲ୍ଲାପାଳ ଉଦ୍ଘାଟନ କଲେ ଅବକାରୀ ସମାବେଶ

ଭଦ୍ରକ , ୨୫/୬ (ନି.ପ୍ର): ଭଦ୍ରକ ଅବକାରୀ ବିଭାଗ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ସହ ନିଶା ନିବାରଣ ସମାବେଶ ଓ କର୍ମଶାଳା ଆୟୋଜିତ କରାଗଲା। ଏହି ସମାବେଶଟିକୁ ମାନନୀୟ ଭଦ୍ରକ ବିଧାୟକ ଶ୍ରୀ ଶିତାଂସୁ ସେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲାପାଳ ଶ୍ରୀ ଦିଲିପ ରାଉତରାୟ ଧଳା ଧ୍ୱଜ ସହିତ ଉଦ୍ଘାଟନ କଲେ। ଏହି ସମାବେଶରେ ଅବକାରୀ ଅଧିକ୍ଷକ ଶ୍ରୀ ନରୋତ୍ତମ ମିଶ୍ର, ଉପ ଅଧିକ୍ଷୀକା ସୁଚରିତା ମିଶ୍ରଙ୍କ ସମେତ, ଜିଲ୍ଲା ସ୍ତରୀୟ ଅନ୍ୟ ଅଧିକାରୀ ଏବଂ ଅବକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସମାବେଶଟି ଜିଲ୍ଲାପାଳଙ୍କ କର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ଟାଉନ ହଲ ଠାରେ ସମାପ୍ତ ହୋଇଥିଲା ଏବଂ ଟାଉନ ହଲ ଠାରେ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ନିଶାକୁ ବର୍ଜନ କରି ଏକ ସୁସ୍ଥ ଜୀବନ ବଞ୍ଚିବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିବା ଥିଲା ଏହି ସମାବେଶର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମଟି ଅବକାରୀ ବିଭାଗର ଚଳିତ ଆମ ସଂକଳ୍ପ ନିଶା ନୁହେଁ, ଜୀବନ ସଚେତନତା କାର୍ଯ୍ୟକ୍ରମର ଏକ ଭାଗ। ଏହି ଅବସରରେ ଆମ ସଂକଳ୍ପ ସଚେତନତା ରଥଟି ମଧ୍ୟ ଏଠାରେ ବୁଲି ସଚେତନତା ବାର୍ତ୍ତା ପ୍ରଚାର କରିଥିଲା। ଏହା ସହିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ, ନିବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗୀତା ର ମଧ୍ୟ ଆୟୋଜନ ହୋଇଥିଲା ଯେଉଁଥିରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନୁ ଅଂଶ ଗ୍ରହଣ କରିଥିଲେ। ଭଦ୍ରକ ଜିଲ୍ଲାରେ ୩୧ ମେ ୨୦୨୫ ଠାରୁ ଅବକାରୀ ବିଭାଗର ସଚେତନତା କାର୍ଯ୍ୟକ୍ରମ ଗୁଡିକ ଆୟୋଜିତ ହେଉଅଛି ଓ ଦୁଇଟି ସଚେତନତା ରଥଦିନ ରାତି ବୁଲି ସଚେତନତା ବାର୍ତ୍ତା ପ୍ରସାର କରୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପିଲାମାନଙ୍କ ମାଧ୍ୟମରେ ଏହି ଅପମିଶ୍ରିତ ମାଦକ ଦ୍ରବ୍ୟ ଓ ବେଆଇନ ମଦ ବର୍ଜନ କରିବାର ବାର୍ତ୍ତା ସମାଜରେ ଭଲଭାବରେ ପ୍ରସାରିତ ହୋଇପାରିବ।

ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ: ଦିନ ଦ୍ୱିପ୍ରହରରେ ହେଉଛି ଗୁଳିକାଣ୍ଡ

ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାର ନେଇ ବିଜେଡି ଦାବି

ବାରିପଦା, ୨୫/୬ (ନି.ପ୍ର): ଦିନକୁ ଦିନ ମୟୁରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଚୋରି, ଛିନତାଇର ମାତ୍ରା ବୃଦ୍ଧି ପାଇଥିବା ବେଳେ ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ହେଉଛି। ସୋମବାର କୁଳିଅଣା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନମ୍ବର ୧୮ରେ ଗୁଳିକାଣ୍ଡ ଘଟିଛି। ଯାହାକି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ସୁଧାର କରିବାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଫଳ ହୋଇଛନ୍ତି। ଏ ସଂକ୍ରାନ୍ତରେ ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଳିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ବର୍ଷକ ହେଲାଣି ଜିଲ୍ଲାବ୍ୟାପି ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି। ନିୟମିତ ଭାବେ ଚୋରି, ଛିନତାଇ, ଡକାୟତି ଓ ଗଣ୍ଡଗୋଳ ମାମଲା ହେଉଛି। ଯାହାକି ଜିଲ୍ଲାବାସୀଙ୍କ ପାଇଁ ଭୟର କାରଣ ସାଜିଛି। କୁଳିଅଣା ଥାନା ଅନ୍ତର୍ଗତ ବାଇଗଣବାଡ଼ିଆ ନିକଟରେ ଶିବାନନ୍ଦ ବାରିକ ୮ଲକ୍ଷ ଟଙ୍କା ନେଇ ବାରିପଦାକୁ ଆସୁଥିବା ବେଳେ ଛିନତାଇ ଉଦ୍ୟମ କରିଥିଲେ। ସେଥିରେ ବିଫଳ ହେବାରୁ ୩ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ୬ରାଉଣ୍ଡ ମରଣାତ୍ମକ ଗୁଳି ଚାଳନା କରିଥିଲେ। ଯାହାକି ଦିନ ଦ୍ୱିପ୍ରହରରେ ରାସ୍ତା ଉପରେ ଘଟିଥିଲା। ଯାହାକି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିର ନଗ୍ନ ଚିତ୍ର ଥିବା ବେଳେ ଜନସାଧାରଣଙ୍କ ମଧ୍ୟରେ କକୁଆ ଭୟ ସୃଷ୍ଟି କରିଛି।ତେଣୁକରି ମୟୂରଭଞ୍ଜ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସଦୃଢ କରିବା, ଆସାମୀ ମାନଙ୍କୁ ତୁରନ୍ତ ଗିରଫ କରିବା ଓ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଜିଲ୍ଲା ପ୍ରମୁଖ ସ୍ଥାନ ଓ ରାସ୍ତାରେ କଡାକଡି ପେଟ୍ରୋଲିଂ ବ୍ୟବସ୍ଥା ପାଇଁ ବିଜେଡି ଦାବି କରିଛି। ଏନେଇ ଆଗକୁ କୋଣସି ପଦକ୍ଷେପ ଗ୍ରହଣ ନକରିଲେ ବିଜେଡି ପକ୍ଷରୁ ଆନ୍ଦୋଳନ ନେଇ ଚେତାବନୀ ଦିଆଯାଇଛି। ପ୍ରତିନିଧି ଦଳରେ ଜିଲ୍ଲା ସଭାପତି (ପୂର୍ବ) ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ସଭାପତି (ପଶ୍ଚିମ) ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ବୋଷ, ପ୍ରଭାତ କୁମାର ନାୟକ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ଦୀପ୍ତିଲତା ମିଶ୍ର, ଲଲାଟେନ୍ଦୁ ବେହେରା, ଶ୍ରାବଣୀ ଦାସ, ପ୍ରଭାତୀ ପୃଷ୍ଟି, ଜିତା ସିଂ, ସୁଧୀର ବାରିକ, ପ୍ରତିନନ୍ଦା କାନୁନଗୋ ସମେତ ଅନ୍ୟାନ୍ୟ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବେଆଇନ ପଥର ଖାଦନ ଉପରେ ଚଢ଼ାଉ

ଜୟପୁର, ୨୫/୬ (ନି.ପ୍ର): ବେଆଇନ ଭାବେ ପଥର ଖାଦାନ କରୁଥିବା ବେଳେ ଚଢ଼ାଉ କଲା କୋରାପୁଟ ଖଣି ବିଭାଗ ଓ ସିମିଳିଗୁଡା ପୁଲିସ। କୋରାପୁଟ ସିମିଳିଗୁଡା ଲୁଙ୍ଗୁରି ଟାରେ ଥିବା ଏକ ପଥର ଉତୋଳନ ସମୟରେ ଚଢ଼ାଉ କରିଛି ଖଣି ବିଭାଗ। ଦୁଇଟି ଜେସିବି ସହ ଗୋଟିଏ ଟ୍ରାକ୍ଟର ଏବଂ ପଥର ଖାଦାନ ରେ ବ୍ୟବହୃତ୍ ହୋଇଥିବା ଯନ୍ତ୍ରାସ କୁ ଜବତ କରିଛି ଖଣି ଓ ପୁଲିସ ବିଭାଗ।

ଏସ୍. ଇ. ରେଳବାଇ - ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: **ST-OT-UTS-PRS-VOICELOG-25**, ତାରିଖ: ୨୪.୦୬.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ସିନିୟର DSTE (Co), ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ଏହା ୧୨:୦୦ ଘଣ୍ଟାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** (i) ପୁରୁଣା ରାଉଟର, ସ୍ୱିଚ୍ ବଦଳାଇବା ଏବଂ UTS/PRS କାଉଣ୍ଟରରେ OFC ମିଡିଆର ବ୍ୟବସ୍ଥା, (ii) ଖଡ଼ଗପୁର ଡିଭିଜନରେ ଷ୍ଟେସନ ମାଷ୍ଟର ଏବଂ ଅଣ-ଇଣ୍ଟରଲକିଙ୍ଗ LC ଗେଟ୍ ମଧ୍ୟରେ ଭଏସ୍ ଲଗିଂ ସୁବିଧା ସିଷ୍ଟମର କେନ୍ଦ୍ରୀୟ ରେକର୍ଡିଂ ବ୍ୟବସ୍ଥା ସହିତ ଜଡିତ କାର୍ଯ୍ୟର S&T ଅଂଶ। **ଟେଣ୍ଡର ମୂଲ୍ୟ:** ୪,୪୩,୧୧, ୭୧୮.୪୩। **ଇଏମଡି:** ୩,୭୧,୬୦୦। ଟେଣ୍ଡର **ଡକ୍ୟୁମେଣ୍ଟର ମୂଲ୍ୟ:** କୌଣସି ନାହିଁ। ଖୋଲିବାର **ତାରିଖ:** ୨୧.୦୭.୨୦୨୫। **ସମାପ୍ତି ଅବଧି:** ୧୨ ମାସ। **ଦାଖଲ ତାରିଖ:** ୨୧.୦୭.୨୦୨୫ ଦିନ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।
(PR- 316)

ରେମୁଣା ବିଜେପି ପକ୍ଷରୁ କଳା ଦିବସ ପାଳିତ

ବାଲେଶ୍ୱର, ୨୫/୬ (ନି.ପ୍ର): ବୁଧବାର ଅପରାହ୍ନ ୫ ଘଟିକା ସମୟରେ ରେମୁଣା ବିଜେପି ପକ୍ଷରୁ ରେମୁଣା ମନ୍ଦିର ଛକ ନିକଟସ୍ଥ ହନୁମାନ କଲ୍ୟାଣ ମଣ୍ଡପରେ କଳା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ସଦର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସୋସିଆଲ ମିଡ଼ିଆ କୋର୍ଡିନେଟର ଶ୍ରୀନିବାସ ପ୍ରଧାନ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଲମ୍ବୋଦର ପ୍ରଧାନ, ପୂର୍ବତନ ରେମୁଣା ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ ଏବଂ ରେମୁଣା ଅଞ୍ଚଳର ବୁଦ୍ଧିଜୀବୀ ସରୋଜ ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ୧୯୭୫ ମସିହା ଆଜିର ଦିନରେ କଂଗ୍ରେସ ଶାସନ ସମୟରେ ତତ୍କାଳିନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପରିବାର କ୍ଷମତା ରାଜନୀତି ତଥା ଏକଛତ୍ରବାଦୀ ମାନସିକତା ଯୋଗୁଁ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରି ଭାରତୀୟ ଗଣତନ୍ତ୍ରର ଆତ୍ମାକୁ ହତ୍ୟା କରାଯାଇଥିଲା। ସାଧାରଣ ଲୋକଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଥିଲା । ବିନା କାରଣରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଜେଲ୍ ପଠାଯାଇଥିଲା ଏବଂ ଚତୁର୍ଥ ସ୍ତମ୍ଭର ସ୍ୱରକୁ ଦବାଇ ଦିଆଯାଇଥିଲା ବୁଲି ମଞ୍ଚାସିନ ଅତିଥି ମାନେ କହିଥିଲେ। ଚଳିତ ବର୍ଷ ଅର୍ଥାତ ୨୦୨୫ ରେ ଏହି କଳା ଦିବସର ୫୦ ବର୍ଷ ପୂର୍ତ୍ତି ହେଉଛି । ଏହି ଅବସରରେ ଭାରତର ପ୍ରତ୍ୟେକ ନାଗରିକ ନିଜର ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାର ପ୍ରତି ସତର୍କ ଓ ସଚେତନ ରହିବା ଆବଶ୍ୟକ। ଏଭଳି ଏକ ଜରୁରୀ କାଳୀନ ପରିସ୍ଥିତିରେ କଷ୍ଟକୁ ସହ୍ୟ କରିଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସ୍ମରଣ କରିବା ସହିତ ଗଣତନ୍ତ୍ରର ମୂଲ୍ୟବୋଧ ପୁନଃ ପ୍ରତିଷ୍ଠା କରିବା ନିମନ୍ତେ ଏବଂ ସଂଗ୍ରାମ କରିଥିବା ଲୋକମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜିର ଦିନଟିକୁ ଭାରତ ସରକାରଙ୍କ ଦ୍ୱାରା 'ସମ୍ବିଧାନ ହତ୍ୟା ଦିବସ' ଭାବରେ ପାଳନ କରାଯାଉଛି । ଏଥି ସହିତ ଆଗାମୀ ଦିନରେ କଂଗ୍ରେସ ତଥା କୌଣସି ରାଜନୀତିକ ଦଳ ଏଭଳି ଅପରାଧ କରିବାକୁ ସାହସ କରିବେ ନାହିଁ ବୋଲି ଅତିଥି ମାନେ କହିଥିଲେ।

ରଥଯାତ୍ରା ପାଇଁ ଭକ୍ତିକ୍ଷେତ୍ରର ସମସ୍ତ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ

ବାଲିଆପାଳ/ଲଙ୍ଗଳେଶ୍ୱର, ୨୫/୬ (ନି.ପ୍ର): ବାଲିଆପାଳର ମାନ୍ଧାତା ବଜାର ସ୍ଥିତ ଅନନ୍ୟ ପ୍ରମୁଖ ଶ୍ରୀଜଗନ୍ନାଥ କ୍ଷେତ୍ର ଭକ୍ତିକ୍ଷେତ୍ର ରେ ଶୁକ୍ରବାର ରଥଯାତ୍ରା ପାଇଁ ସମସ୍ତ କାର୍ଯ୍ୟ ଆଜି ସୁଦ୍ଧା ଚୂଡାନ୍ତ ପର୍ଯ୍ୟାୟରେ ଆସି ପହଁଞ୍ଚିଛି। ଏଠାରେ ଶ୍ରୀ ଜୀଉ ମାନଙ୍କ ପାଇଁ ତିନି ରଥ ସାଜ ସଜ ହୋଇ ପ୍ରସ୍ତୁତ ହୋଇ ରହିଛି। ସୁଭଦ୍ରା ଙ୍କ ଦେବ ଦଳନ ରଥକୁ ମହିଳା ମାନେ ହିଁ ଟାଣି ଥାନ୍ତି। ମନ୍ଦିର, ମନ୍ଦିର ବେଢା, ପାର୍ଶ୍ୱ ମନ୍ଦିର, ମନ୍ଦିର ଓ ରଥ ଦାଣ୍ଡ, ଦକ୍ଷିଣ ମହାବଳା ମାଉସୀ ମନ୍ଦିର ଆଦି କୁ ଶ୍ରୀ ଜଗନ୍ନାଥ ଜୀଉ ନିଯୋଗ କମିଟି ପକ୍ଷରୁ ପରିଷ୍କାର, ପରିଚ୍ଛନ୍ନ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ସ୍ୱେଚ୍ଛାସେବୀ ସେବକଙ୍କୁ ନିୟୋଜିତ କରାଯିବ। ରଥଯାତ୍ରା ରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ମାଉସୀ ବାଡ଼ି ଠାରେ ଭଜନ ସନ୍ଧ୍ୟା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଆତସବାଜି କାର୍ଯ୍ୟକ୍ରମ, ହେରା ପଞ୍ଚମୀ ଆଦି କାର୍ଯ୍ୟକ୍ରମ ଶାସ୍ତ୍ର ଅନୁସାରେ କରାଯିବ ବୋଲି ଶ୍ରୀଜଗନ୍ନାଥ ଜୀଉ ନିଯୋଗ ର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ନେତ୍ରୋତ୍ସବ, ପହଣ୍ଡି , ରଥା ରୋଜ, ଛେରା ପହଁରା, ରଥ ଟଣା କାର୍ଯ୍ୟକ୍ରମ ଧାର୍ଯ୍ୟ ସମୟରେ ସମ୍ପନ୍ନ ହେବ ବୋଲି ସେମାନେ ମଧ୍ୟ ପ୍ରକାଶ କରିଛନ୍ତି।

ଲେଖା ଆବଶ୍ୟକ

ଶିଶୁ-କିଶୋର ପତ୍ରିକା 'ଫୁଲଚାଙ୍ଗୁଡ଼ି'ର ଆସନ୍ତା ଶାରଦୀୟ ବିଶେଷାଙ୍କ ପାଇଁ ଲେଖକ/ଲେଖିକାଙ୍କଠାରୁ ଗଳ୍ପ, କବିତା, ବିଜ୍ଞାନଭିତ୍ତିକ ଲେଖା ତଥା ହସକଥା ଓ ଶିଶୁ-କିଶୋରଙ୍କ ଚିତ୍ରାଙ୍କନ ଆବଶ୍ୟକ। ନିମ୍ନୋକ୍ତ ଠିକଣାରେ ୨୦ ଜୁଲାଇ ୨୦୨୫ ସୁଦ୍ଧା ଲେଖା, ହସକଥା ଓ ଚିତ୍ରାଙ୍କନ ଆଦି ପଠାଇବାକୁ ଅନୁରୋଧ।

ଯୋଗାଯୋଗ:
ପୀତାମ୍ବର ଦାସ,
ସଂପାଦକ: ଫୁଲ ଚାଙ୍ଗୁଡ଼ି,
ଭି.ଆଇ.ପି କଲୋନୀ, ଗୋପାଳଗାଁ, ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୩୪୮୭୯୧

ନୀଳଗିରି ଅଞ୍ଚଳରୁ ବିରଳ ଧଳା ନାଗ ଉଦ୍ଧାର

ନୀଳଗିରି , ୨୫/୬ (ନି.ପ୍ର): ନୀଳଗିରି ଏନ୍ଏସି ଅଧୀନ ୪ନମ୍ବର ୱାର୍ଡ ମିରିଗିଣି ଗ୍ରାମରୁ ଏକ ବିରଳ ଧଳା ନାଗ 'ଆଲବିନୋ କୋବ୍ରା' ସାପ ଉଦ୍ଧାର କରାଯାଇଛି । ସାପଟି ଉକ୍ତ ଗ୍ରାମର ଉପେନ୍ଦ୍ରନାଥ ଦାସଙ୍କ କୁକୁଡ଼ା ଭାଡି ଭିତରେ ପଶି ୫ଟି ଅଣ୍ଡା ଖାଇବାସହ ଗୋଟିଏ କୁକୁଡ଼ାକୁ ମାରିଦେଇଥିଲା । ଶ୍ରୀ ଦାସ କୁକୁଡ଼ା ଭାଡି ମଧ୍ୟରେ ଏମିତି ଧଳା ନାଗ ଦେଖି ଭୟରେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତ ଙ୍କୁ ଖବର ଦେଇଥିଲେ । ଶ୍ରୀ ରାଉତ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଛନ୍ତି । ବିଗତ ଦିନମାନଙ୍କରେ ଏମିତି ଅନେକ ବିରଳ ପ୍ରଜାତିର ସାପ ନୀଳଗିରିରୁ ଉଦ୍ଧାର ହୋଇଥିବା ବେଳେ ନୀଳଗିରି ବନବିଭାଗ ନିକଟରେ ସାପ ଧରିବା ପାଇଁ ସରକାରୀ କର୍ମଚାରୀ ନାହାନ୍ତି । ଯାହାକି ଲୋକମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଦିନକ ପରେ ତିନିଠାକୁରଙ୍କ...

ରଥଯାତ୍ରା ପାଇଁ ସବୁ ବିଭାଗର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଭକ୍ତଙ୍କ ସୁବିଧା ପାଇଁ ୩୬୫ଟି ଅତିରିକ୍ତ ଟ୍ରେନର ବ୍ୟବସ୍ଥା କରିଛି ରେଳ ବିଭାଗ । ଚଳିତ ଥର ରେଳ ସୁରକ୍ଷା ଓ ଯାତ୍ରୀଙ୍କ ସୁବିଧା ପାଇଁ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। ଫେସ୍ ରିଡିଂ ସିଷ୍ଟମ, ଆଣ୍ଟି କ୍ରାଇମ୍ ୟୁନିଟ୍ ସହ ୨୫୦ ସିସିଟିଭି ମାଧ୍ୟମରେ ସୁରକ୍ଷା ଯାଞ୍ଚ କରାଯିବ । ଦମକଳ ଓ ଆମ୍ବୁଲାନ୍ସ ସହ ପ୍ରସ୍ତୁତ ରହିବ ୨୪ ଘଣ୍ଟିଆ ଡାକ୍ତରୀ ସେବା । ଏହାଛଡ଼ା ରଥଟଣାକୁ ନେଇ ଚୂଡ଼ାନ୍ତ ମକଡ୍ରିଲ କରିଛି ପୋଲିସ୍ । ୨୦୫ ପ୍ଲାଟୁନ ଫୋର୍ସ ସମେତ ୮ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ ମୁତୟନ ହୋଇଛନ୍ତି । ରଥଯାତ୍ରା ପାଇଁ କାଲିଠୁ ଲାଗୁ ହେବ ଟ୍ରାଫିକ ନୀୟମାବଳି । ବ୍ରହ୍ମଗିରି, କୋଣାର୍କ ଓ ଭୁବନେଶ୍ୱର ପଟୁ ଆସୁଥିବା ଦୁଇ ଚକିଆ ଓ ଚାରି ଚକିଆ ଯାନ ପାଇଁ ପାର୍କିଂର ବ୍ୟବସ୍ଥା ହୋଇଛି।

ଇ-ରେଜିଷ୍ଟ୍ରେସନ ଆପ୍ ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ଆପକୁ ଲଞ୍ଚ କରିଛନ୍ତି । ଏଣିକି ଗୋଟିଏ ମୋବାଇଲ ଆପରେ ମିଳିବ ଏକାଧିକ ରାଜସ୍ୱ ସେବା । ଏହି ଆପରେ ଜମିଜମା ପଞ୍ଜୀକରଣ ପାଇଁ ଅନଲାଇନ୍ ସ୍ଲଟ୍ ବୁକିଂ, ବୁକ୍ ହୋଇଥିବା ସ୍ଲଟର ସ୍ଥିତି ଜାଣିବା, ଇସି ବା ଏନ୍ୟୁମ୍ବ୍ରାନ୍ସ ସାର୍ଟିଫିକେଟ ପାଇଁ ଆବେଦନ, ପ୍ରମାଣୀକୃତ ନକଲ ପାଇଁ ଆବେଦନ। ନିଜର ସବ୍ ରେଜିଷ୍ଟ୍ରାର ଅଫିସ୍ ଜାଣିବା, ଜମିର ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଜାଣିବା, ପରିଦର୍ଶକମୂଳକ ପଞ୍ଜୀକରଣ ନିମନ୍ତେ ଆବେଦନ ଏବଂ ସେବା ସଂପର୍କିତ ମତାମତ ପ୍ରଦାନ ବା ଫିଡବ୍ୟାକ ବି ଦେଇପାରିବେ। ଆଗରୁ ଯଦିଓ ୱେବସାଇଟ ଜରିଆରେ ସ୍ଲଟ୍ ବୁକ୍ ପାଇଁ ଆବେଦନ କରିବାକୁ ପଡୁଥିଲା, ଏଥିପାଇଁ ମୋ ସେବା କେନ୍ଦ୍ର କିମ୍ବା ଘରୋଇ ଦୋକାନରେ ଆବେଦନ କରିବାକୁ ହେଉଥିଲା। ଏଥି ପାଇଁ ଖର୍ଚ୍ଚ ମଧ୍ୟ କରିବାକୁ ପଡୁଥିଲା। ବଡ଼ କଥା ହେଲା ଇସି କାଢ଼ିବା ପାଇଁ ଏବଂ ବ

ଗୁରୁବାର, ଜୁନ୍ ୨୬, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନୀଳଗିରିରେ ଥମ୍ବୁନି ଚୋରି: ପୁଣି ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି , ୨୫/୬ (ନି.ପ୍ର): ନୀଳଗିରି ଏନଏସି ଘାଟଘର ସାହିରେ ଘରଭଡା ନେଇ ରହିଥିବା ଶିକ୍ଷକ ଅନୀଲ କୁମାର ମହାପାତ୍ରଙ୍କ ଘରେପଶି ଚୋର କଳାକନା ବୁଲାଇଛନ୍ତି। ଘରେ ଥିବା ଗଡରେଜ୍ ଭାଙ୍ଗି ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହିତ ୪ହଜାର ଟଙ୍କା ମଧ୍ୟ ଚୋରି କରିନେଇଛନ୍ତି। ମଙ୍ଗଳବାର ରାତିରେ ଅନୀଲ ଘରେ ଶୋଇଥିବା ସମୟରେ ଚୋରମାନେ ପଛପାଖ ଝରକାତାଡି ଘରେପଶିବା ସହ ସାମ୍ନାଗେଟ ବନ୍ଦକରି ଗଡରେଜ ଓ ବାକ୍ସ ଭାଙ୍ଗି ସେଥିରେ ଥିବା ସମସ୍ତ ସୁନା ଅଳଙ୍କାର ଲୁଟି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ।ସକାଳ ପ୍ରାୟ ୪.୩୦ ସମୟରେ ବାହାରକୁ ଉଠି ଗେଟବନ୍ଦ ଥିବା ଅନୀଲ ଜାଣିବାପରେ ସାମ୍ନାପଟ ଦେଇ ପଛଗେଟ ଦେଇ ଯିବାପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ନୀଳଗିରି ପୋଲିସକୁ ଅବଗତ କଲାପରେ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସାଇନ୍ଟିଫିକ ଟିମ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ସମାନ୍ତରାଳ ଭାବେ ପୋଲିସକୁ ଚକମାଦେଇ ନୀଳଗିରି ଓ ଆଖପାଖ ଅଞ୍ଚଳରେ ବାରମ୍ବାର ଚୋରୀହେବାକୁ ନେଇ ଆତଙ୍କିତ ଅଛନ୍ତି ସ୍ଥାନୀୟ ବାସିନ୍ଦା। ତୁରନ୍ତ ଏହି ରାକେଟରେ ସଂପୃକ୍ତ ଚୋରଙ୍କୁ ଧରିବା ଏବଂ ଅଞ୍ଚଳବାସୀଙ୍କୁ ଚୋରୀ ଦାଉରୁ ମୁକ୍ତି ଦେବାକୁ ଦୃଢ଼ଦାବୀ ହୋଇଛି।

ବେତନଟୀ ଓ ବଡ଼ସାହି ବ୍ଲକ ସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

ବେତନଟୀ ୨୫/୬ (ନି.ପ୍ର) : ମାନ୍ୟବର ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ବେତନଟୀ ବ୍ଲକ ବୈଠକ ଗୃହରେ ବେତନଟୀ ଓ ବଡ଼ସାହି ବ୍ଲକ ସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ବୈଠକରେ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ବେତନଟୀ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ କୌଶଲ୍ୟା ମାଝୀ ଓ ବେତନଟୀ ଏସ ଡି ପି ଓ ଶ୍ରୀମତୀ ମିନତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଜନଶୁଣାଣି କରିଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ ବହୁ ଲୋକ ଜନଶୁଣାଣି ଶିବିରରେ ଯୋଗ ଦେଇ ନିଜ ନିଜର ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ସରକାରୀ ଅନୁଦାନ ପ୍ରାପ୍ତ ଗୃହ ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଜମି ପଟ୍ଟା, ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ଓ ପରିମଳ, ଉଠା ଜଳସେଚନ, ଗ୍ରାମ୍ୟ ଉନ୍ନୟନ,ଜମି ସୀମାଙ୍କନ, ନିର୍ମାଣ ଶ୍ରମିକ ସହାୟତା, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ, ଶିକ୍ଷା, ଆଇନ ଶୃଙ୍ଖଳା ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା , ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଭତ୍ତା, ରାସନ କାର୍ଡ, ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ବିଭିନ୍ନ ସହାୟତା,କୃଷକ ସହାୟତା, ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଗୃହ ଯୋଜନା ବାସଗୃହ ଜନିତ ଇତ୍ୟାଦି ମୋଟ ୯୫୭ ଟି ଅଭିଯୋଗ ଶୁଣାଣି ହୋଇଥିଲା । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ନିମନ୍ତେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଜିଲ୍ଲାପାଳ ହେମକାନ୍ତ ସୟ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ ବିଭାଗୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗ ପତ୍ର ଗୁଡ଼ିକ ଗ୍ରହଣ କରିଥିଲେ । ଅଭିଯୋଗର ଗୁରୁତ୍ୱକୁ ବିଚାର କରି ରେଡକ୍ରସ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୫୦୦୦/- ଟଙ୍କା ଲେଖାଏଁ ଓ ଜଣଙ୍କୁ ୨୦୦୦/- ଟଙ୍କା ସହାୟତା ରାଶି ଏବଂ ଅନ୍ୟ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫୦୦୦/- ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଛି । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ମାନ୍ୟବର ବିଧାୟକ ଓ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜନ ଶୁଣାଣୀ ଶିବିର ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାରଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର, ୨୫/୬ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାର୍ଡ଼ ଗ୍ରାମ ପଞ୍ଚାୟତର ଗୋରାଦେଇ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ାଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ବିନତୀ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଗ୍ରାମ ପଞ୍ଚାୟତର ସରପଞ୍ଚ ଶମ୍ଭୁନାଥ ଜେନା, ମୁଖ୍ୟ ବକ୍ତା ଭାବେ ପଶ୍ଚିମବାର୍ଡ଼ ଆଞ୍ଚଳିକ ସାଧାନ କେନ୍ଦ୍ରର ସଂଯୋଜକ ଶ୍ରୀକାନ୍ତ ଧଳ ଉପସ୍ଥିତ ହୋଇ ବିଦାୟୀ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ା ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ପରିଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟ ହରିଷ୍ଚନ୍ଦ୍ର ମହାଳିକ, କାର୍ତ୍ତିକ ଚନ୍ଦ୍ର ଜେନା, ପିତାୟର ପ୍ରଧାନ, ପାଳସାହି ସ୍କୁଲର ଶିକ୍ଷକ ମୃତ୍ୟୁଞ୍ଜୟ ଜେନା, ରେଳା ସ୍କୁଲର ପ୍ରଧାନ ଶିକ୍ଷକ ବଂଶୀଧର ମହାଳିକ, ପାଳସାହି ସ୍କୁଲର ପ୍ରଧାନ ଶିକ୍ଷକ ରବିନ୍ଦ୍ର ଗିରି, କଣ୍ଟାପାଳ ସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ନାୟକ, ବାଇଗଣବାଡ଼ିଆ ସ୍କୁଲର ପ୍ରଧାନ ଶିକ୍ଷକ ରାଧାମାଧବ ଜେନା, କାଳିକାପୁର ସ୍କୁଲର ନିମାଇଁ ଚନ୍ଦ୍ର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଧନଞ୍ଜୟ ଜେନା,ସହକାରୀ ଶିକ୍ଷକ ନବୀନ ମିଶ୍ର ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକାଳ ସମୟରେ ତାଙ୍କର ଉଦ୍ୟମ ଓ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ଭାବେ ପରିଚିତ ବୋଲି ବକ୍ତବ୍ୟରେ କହିବା ସହିତ ତାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ବୁଦ୍ଧିମଣି ଜେନା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।ପଶ୍ଚିମବାର୍ଡ଼ ସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱଜିତ କର ମଞ୍ଚ ଆହ୍ୱାନ କରିବା ସହିତ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଆଜିଠୁ ତିନିଦିନିଆ ନୈନିତାଲ ଗସ୍ତରେ ଉପରାଷ୍ଟ୍ରପତି ଧନଖଡ

ନୂଆଦିଲ୍ଲୀ, ୨୫/୬ (ନି.ପ୍ର): ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି, କାଲି ଓ ତାପରଦିନ (୨୫ ଠାରୁ ୨୭ ଜୁନ୍) ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ନୈନିତାଲକୁ ତିନି ଦିନିଆ ଗସ୍ତରେ ରହିବେ। ଭାରତ ସରକାରର ପତ୍ର ଓ ସୂଚନା କାର୍ଯ୍ୟାଳୟ (ପିଆଇବି) ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ପିଆଇବି ଅନୁଯାୟୀ, ଉପରାଷ୍ଟ୍ରପତି ଧନଖଡ଼ ଆଜି କୁମାଉଁ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହର ଅଧ୍ୟକ୍ଷତା କରିବେ। ସେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେଙ୍କୁ ସମ୍ବୋଧନ କରିବେ।

ବଢୁଛି ନାରୀ ନିର୍ଯ୍ୟାତନା: ଖଇରା କଲେଜ ଛାତ୍ରଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ

ଖଇରା, ୨୫/୬ (ନି.ପ୍ର): ବର୍ଷକ ମଧ୍ୟରେ ଓଡିଶାରେ ନାରୀ ନିର୍ଯ୍ୟାତନା ବୃଦ୍ଧି ତଥା ଗୋପାଳପୁର ଠାରେ ଛାତ୍ରୀ ଦୁଷ୍ଚର୍ମ ପ୍ରତିବାଦରେ ତଥା ବିଜୁ ଜନତା ଦଳ ଡାକରାରେ ଖଇରା କଲେଜ ଛାତ୍ରଛାତ୍ରୀ ମାନେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରବଳ ବର୍ଷାକୁ ଖାତିର ନକରି ଶତାଧିକ ଛାତ୍ରୀଛାତ୍ର ଭାଜପା ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଯଥା ବର୍ଷ ଏକ-ଛାତ୍ରୀ ମହିଳା ନିର୍ଯ୍ୟାତନା ଅନେକ,ଦିନକୁ ୧୫ ନାରୀ ନିର୍ଯ୍ୟାତନା-ଡବଲ ଇଞ୍ଜିନ ଡବଲ ଯାତନା,ନାରୀ ନିର୍ଯ୍ୟାତନାରେ ଏକ ନମ୍ବର-ଧିକ ଭାଜପା ସରକାର ଇତ୍ୟାଦି ଲେଖାଥିବା ପ୍ଲାକାର୍ଡ ଧରି ଏହି ବିକ୍ଷୋଭରେ ସାମିଲ ହୋଇଥିଲେ । ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଆହ୍ୱାନରେ ଛାତ୍ରନେତା ଅଶୋକ କୁମାର ନାୟକ,ଗୁଡୁନୁ ପରିଡା,ଗଜେନ୍ଦ୍ର ବେହେରା,ଚିରଞ୍ଜିତ ସାହୁ,ଦେବକାନ୍ତ ବିଶ୍ୱାଳ,ଚନ୍ଦ୍ର ପ୍ରତାପ ନାୟକ,ଲିଙ୍କେନ ଦାଶ,ମାନସ ଶିଅଳ, ସତ୍ୟ ପ୍ରକାଶ ବାରିକ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

ଓଷ୍ଟ୍ରାଭା ଗୋଲଡେନ ସ୍କାଇକ୍ ୨୦୨୫ ଟାଇଟେଲ ଜିତିଲେ ନୀରଜ ଚୋପ୍ରା

ଓଷ୍ଟ୍ରାଭା, ୨୫/୬ (ନି.ପ୍ର): ଭାରତର ଜାଭେଲିନ୍ ଥ୍ରୋ ତାରକା ଓ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ନୀରଜ ଚୋପ୍ରା ମଙ୍ଗଳବାର ଦିନ ୬୪ତମ ଓସ୍ତ୍ରାଭା ଗୋଲ୍ଡନ୍ ସ୍କାଇକ୍ ପ୍ରତିଯୋଗିତାରେ ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟର ଟାଇଟେଲ ଜିତିଛନ୍ତି। ଏହି ପ୍ରତିଯୋଗିତା ବିଶ୍ୱ ଏଥ୍ଲେଟିକ୍ସ କନ୍ଟିନେଣ୍ଟାଲ୍ ଟୁର୍ (ଗୋଲ୍ଡ ଲେଭେଲ୍) ର ପ୍ରତିଷ୍ଠିତ ଆୟୋଜନ ଥିଲା। ୨୭ ବର୍ଷୀୟ ନୀରଜ ତୃତୀୟ ଚେଷ୍ଟାରେ ୮୫.୨୯ ମିଟର୍ ଦୂରତାକୁ ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଡୋଉ ସ୍ନିଟ୍ ୮୪.୧୨ ମିଟର୍ ଥ୍ରୋ ସହିତ ଥିଲେ ଓ ଗ୍ରେନାଡାର ଏଣ୍ଡରସନ୍ ପିଟର୍ସ ୮୩.୬୩ ମିଟର୍ ସହିତ ତୃତୀୟ ସ୍ଥାନରେ ରହିଥିଲେ।

ବାସୁଦେବପୁର ଯୁବ କଂଗ୍ରେସ ପକ୍ଷରୁ ଗଣଧାରଣା

ବାସୁଦେବପୁର, ୨୫/୬ (ନି.ପ୍ର): ବାସୁଦେବପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ବାସୁଦେବପୁର ଯୁବ କଂଗ୍ରେସ ପକ୍ଷରୁ ଏକ ଗଣ ଧାରଣା ଅନୁଷ୍ଠିତ ହୋଇ ଯାଇଛି। ରୋଗୀ ମାନଙ୍କ ସେବା ପାଇଁ ବାସୁଦେବପୁରରେ ବହୁତ ଡାକ୍ତର ଓ ନର୍ସ ମାନଙ୍କ ଅଭାବ ରହିଛି। ଏହି ମେଡ଼ିକାଲ ସମସ୍ୟା ପାଇଁ ଗରିବ ଲୋକ ଓ ରୋଗୀ ମାନେ କଟକ ଓ ଭୁବନେଶ୍ୱର ଯାଇ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି । ଶବ ବ୍ୟବଚ୍ଛେଦ କେନ୍ଦ୍ର, ରକ୍ତ ଭଣ୍ଡାର ଓ ବିଭିନ୍ନ ସମସ୍ୟା ମଧ୍ୟରେ ବାସୁଦେବପୁର ଚାଲିଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଙ୍କ ନିର୍ଦ୍ଦେଶରେ ଏହି ଗଣ ଧାରଣା ଅନୁଷ୍ଠିତ ହୋଇ ଥିଲା। ଏହି ଧାରଣାରେ ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲା ପ୍ରଭାରୀ ଡକ୍ଟର ଦେବସ୍ମିତା ଶର୍ମା, ବାସୁଦେବପୁର ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ଯୁବ ନେତା ସିଦ୍ଧାନ୍ତ ଦାସ, ସୁଶାନ୍ତ ମହାକୁଡ, ସୁବ୍ରତ ବେହୁରା, ରମେଶ ଚନ୍ଦ୍ର ଚଣ୍ଡ, ବିଧାୟକ ପ୍ରତିନିଧି କବି ଅଚ୍ୟୁତାନନ୍ଦ ପାଢ଼ୀ, ଚନ୍ଦ୍ରକାନ୍ତ ଦାସ,ନାରୀ ନେତ୍ରୀ ମଞ୍ଜୁଲତା ପଣ୍ଡା, ମନୋରଞ୍ଜନ ପାଢ଼ୀ, ଆର୍ତୁଙ୍ଗ ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ହରି ଶଙ୍କର ପଟ୍ଟନାୟକ,ପୁରୁଷୋତ୍ତମ ନାୟକ, ଅକ୍ଷୟ ବାରିକ୍, ରାକେଶ ମହାନ୍ତି,ନରସିଂହପୁର ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା,ଇଂଜିନିୟର ଭାଗିରଥୀ ମହାପାତ୍ର, ବରଣ୍ଡୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନନ୍ତ ପ୍ରସାଦ ପୋଇ, ଲୁଙ୍ଗା ପଂଚାୟତର ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ମଲିକ, ବାଦଲ ନାୟକ, ଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ଖୁଣ୍ଟିଆ ଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ପତ୍ର ପ୍ରଦାନ କରାଯାଇଥିଲା।

ଋଣ କରି ଦେବାକୁ କହି ଟଙ୍କା ହଡପ: ଇଡ଼ିଦା ପଞ୍ଚାୟତରେ ଆଲୋଡନ

ବଣ୍ଡା, ୨୫/୬ (ନି.ପ୍ର): ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଋଣ କରାଇ ଦେବାକୁ କହି ୨୨ ହଜାର ଟଙ୍କା ଲୁଟି ନେଲେ ପଞ୍ଚାୟତର ସଭାପତି ଏବଂ ତାଙ୍କର ଜଣେ ସହଯୋଗୀ ମହିଳା। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବଣ୍ଡା ବ୍ଲକ ଇଡଦା ପଞ୍ଚାୟତର ସଭାପତି ଏବଂ ପଞ୍ଚାୟତ ଜିପିଏଲଏଫ ସଭାପତିଙ୍କ ସ୍ୱାମୀ ସଞ୍ଜୟ କୁମାର ପ୍ରଧାନ ସ୍ୱୟଂ ସହାୟକ ଗୋଷ୍ଠୀରେ ମହିଳା ମାନଙ୍କୁ ପଞ୍ଚାୟତ ସଭାଗୃହକୁ ୨୦୨୦ ମସିହାରେ ଏକ ସଭା ଡକାଇ ଏକ ସଂସ୍ଥାରୁ ଋଣ କରାଇ ଦେବା ପାଇଁ କହିଥିଲେ। ଏଥିପାଇଁ ପ୍ରତି ଏକଲକ୍ଷ ଟଙ୍କାରେ ୨ ହଜାର ଟଙ୍କା ଅଗ୍ରୀମ ଦେବାକୁ ପଡିବ,ତାଙ୍କ କଥାରେ ରାଜି ହୋଇ ପଞ୍ଚାୟତର ୧୧ ଜଣ ମହିଳା ତାଙ୍କ ୨ ହଜାର ଟଙ୍କା ଲେଖାଏଁ ୨୨ ହଜାର ଦେଇଥିଲେ। ଏହି ମହିଳା ମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଅମର୍ଦା ରୋଡ ଷ୍ଟେଟ ବ୍ୟାଙ୍କରେ ଖାତା ଥିବା ସ୍ୱପ୍ନା ଦାସ ମହାପାତ୍ର ନାମକ ଜଣେ ମହିଳାଙ୍କ ଚ୍ୟାକ ବହିରୁ ୨୨ ହଜାର ଟଙ୍କାର ଏକ ଚେକ ଦେଇଥିଲେ। ଯଦି ଋଣ ହୋଇ ନପାରିବ ତାହାହେଲେ ଏହି ଚେକ ମାଧ୍ୟମରେ ଟଙ୍କା ଉଠାଇ ପାରିବେ ବୋଲି ଲୋଭ ଦେଖାଇ ଥିଲେ। ମହିଳା ମାନଙ୍କ ସରଳତାର ସୁଯୋଗ ନେଇ ଏବଂ ଚେକ ବିଷୟରେ ଜଣା ନଥିବା ଏହି ମହିଳା ମାନଙ୍କୁ ଚେକରେ ଭୁଲ ଜାଗାରେ ଦସ୍ତଖତ ଦେଇ ଚେକ ଦେଇଥିଲେ। ଏହା ପରେ ଉକ୍ତ ମହିଳା ମାନେ ଋଣ ଟଙ୍କା ପାଇଁ ବାରମ୍ବାର ସଞ୍ଜୟଙ୍କୁ ଭେଟିଥିଲେ ମଧ୍ୟ ଋଣ ପାଇ ନଥିଲେ। ଶେଷରେ ନିରାଶ ହୋଇ ଦେଇଥିବା ୨୨ ହଜାର ଟଙ୍କାର ଚେକରୁ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ ଯାଇଥିଲେ। ଚେକରେ ଭୁଲ ଦସ୍ତଖତ ଥିବାରୁ ଟଙ୍କା ଉଠାଇ ପାରି ନଥିଲେ। ଏନେଇ ଚେକ ଦେଇଥିବା ମହିଳା ସ୍ୱପ୍ନା ଦାସ ମହାପାତ୍ରଙ୍କୁ ଫୋନ କଲେ ସେ ଫୋନ ଉଠାଇ ନଥିଲେ।

B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
Course Offers : Diploma Engg.
Mechanical Engineering
Electrical Engineering
Civil Engineering
E. & T.C. Engineering
Comp. Sc. & Engineering
100% Placement
ITI Trade
Electrician
Welder
Fitter
R & AC
FREE Admission for SC / ST Students
Walk-In-Interview on Dated - 23.06.25 (Monday)
Faculty Recruitment
•Lecture in all above Branches.
•Lab Technician in all above Branches.
•Clerk & Hostel Superintendent.
Contact No.- 9861947995, 8270317712
Place of Interview- IET Samalpur, Balasore

DSPL-145



ରଥଯାତ୍ରା ସମୟରେ
ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ମାର୍ଗଦର୍ଶିକା

ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୭ ତାରିଖରେ ଶେଷ ହେବ। ଏହି ସମୟରେ ପୁରୀ, କେନ୍ଦ୍ରାପଡା, ବାରିପଦା, କେଉଁଝର, କୋରାପୁଟ ଆଦି ପ୍ରମୁଖ ସ୍ଥାନରେ ପ୍ରବଳ ଜନସମାଗମ ହେବ । ବର୍ଷା ଦିନ ଆସିଯାଇଥିବାରୁ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କା ଏ ବର୍ଷ ଅଧକ ଥିବାର ଅନୁଭୂତ ହେଉଛି। ଏଥରୁ ରକ୍ଷା ପାଇବା ପାଇଁ ନିମ୍ନ ଲିଖିତ ସତର୍କତା ଗୁଡିକ ପାଳନ କରିବା ବିଧେୟ।

- ପିଇବା ପାଇଁ ଫୁଟାପାଣି/ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧିତ ପାଣି/ ହାଲୋଜେନ୍ ବଟିକା ଦ୍ୱାରା ବିଶୋଧିତ ପାଣି ବ୍ୟବହାର କରନ୍ତୁ
- ଖାଇବା ପୂର୍ବରୁ, ଖାଦ୍ୟ ରାନ୍ଧିବା ପୂର୍ବରୁ ଏବଂ ଶୌଚ ହେବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ